### ଖୁବ୍‌ଶୀଘ୍ର ଜମିକୁ ମାଡ଼ିବ ଲୋୟର ସୁକତେଲ ପାଣି

# ୪୦ ହଜାର ହେକ୍ଟର ଜମି ହେବ ଜଳସେଚିତ

**ବଲାଙ୍ଗିର, ୧୭।୧(ସମିସ)**

ଖୁବଶୀଘ୍ର ଜମିକୁ ମାଡ଼ିବ ଲୋୟର ସୁକତେଲ ପାଣି। ଏହାଦ୍ୱାରା ପ୍ରାୟ ୪ ହଜାର ହେକ୍ଟର ଜମିକୁ ପାଣି ମାଡ଼ିବ ବୋଲି ଜଣାପଡ଼ିଛି। ପ୍ରକାଶ ଯେ ବଲାଙ୍ଗିର ଜିଲ୍ଲାରେ ଲୋୟର ସୁକତେଲ ପ୍ରକଳ୍ପ ଉଦ୍‌ଘାଟନ ହେବାପରେ ତତ୍‌କାଳୀନ ରାଜ୍ୟ ସରକାରଙ୍କୁ ବିରୋଧୀମାନେ ଅନେକ ପ୍ରଶ୍ନ କରିଥିଲେ। ଏହି ଜଳସେଚନ ପ୍ରକଳ୍ପରୁ କେବେ ଚାଷ ଜମିରେ ପାଣି ମାଡ଼ିବ। ଏହିଭଳି ଅନେକ ପ୍ରଶ୍ନ ଉଠିଥିଲା। କିନ୍ତୁ ସେହି ସମୟରେ ତତ୍‌କାଳୀନ ରାଜ୍ୟ ସରକାରଙ୍କ ଦ୍ୱାରା ଉଠାଯାଇଥିବା ଅନେକ ପଦକ୍ଷେପ ଆଗକୁ ଜିଲ୍ଲା ପାଇଁ ଏକ ବଡ଼ ଉପଲବ୍ଧି ହେବାକୁ ଯାଉଛି। ସେହି ସମୟରେ ଲୋୟର ସୁକତେଲ ପ୍ରକଳ୍ପରୁ କେନାଲ ବଦଳରେ ଭୂତଳ ପାଇପ ଜଳସେଚନ ବ୍ୟବସ୍ଥାକୁ ମଞ୍ଜୁରି ମିଳିଥିଲା। ଆଉ କିଛି ମାସ ଭିତରେ ପାଇପ ବିଛା କାମ ସରିବା ସହ ଖୁବଶୀଘ୍ର ଜଳସେଚନ ମଧ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ବଲାଙ୍ଗିର ଜିଲ୍ଲାର ଜୀବନରେଖା ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ଲୋକଙ୍କ ଅନେକ ଆଶା ରହିଛି। ତେବେ ବହୁ ବାଦ ବିବାଦ ଭିତରେ ଲୋୟର ସୁକତେଲ କାମ ସମ୍ପୂର୍ଣ୍ଣ ହୋଇ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଯାହାର ସୁଫଳ ଆଉ କିଛି ମାସ ଭିତରେ ଚାଷୀମାନଙ୍କୁ ପାଣି ମିଳିବ ବୋଲି ଜଣାପଡ଼ିଛି। ବିଭାଗୀୟ ସୂଚନା ଅନୁସାରେ ଏହି ଡ୍ୟାମର ବାମ ପାର୍ଶ୍ୱ୧୩ ହଜାର ୧୩୦ ହେକ୍ଟର ଜମିକୁ ପାଣି ମାଡ଼ିବ। ଏଥିପାଇଁ ନିର୍ମାଣ କରାଯାଇଥିବା ପମ୍ପ ହାଉସ କାମ ସରିବାକୁ ବସିଥିବା ବେଳେ ବିଦ୍ୟୁତିକରଣ କାମ ମଧ୍ୟ ଶେଷ ହେବା ଉପରେ ରହିଛି। ଆପ୍ରୋଚ୍ ଚେନାଲ କାମ ସରିଯାଇଥିବା ଜଣାପଡ଼ିଛି। ଓପିଟିସିଏଲ ଦ୍ୱାରା କରାଯାଉଥିବା ବିଦ୍ୟୁତ ସଂଯୋଗୀକରଣ କାମ ମଧ୍ୟ ଜୋରସୋରରେ ଚାଲିଥିବାବେଳେ ଜଳସେଚନ ପାଇଁ ଲଗାଯିବାକୁ ଥିବା ପ୍ରାୟ ଛଅଶହ ବିଦ୍ୟୁତ ପୋଲ ଲଗା ସରିଛି। ଏମ୍‌ଏସ୍ ପାଇପ ବିଛାଇବା କାମ ଜୋରସୋରରେ ଚାଲିଥିବା ଜଣାପଡ଼ିଛି। ଏଥିପାଇଁ ବାମ ପାର୍ଶ୍ୱରେ ୨୯ ହଜାର ୬୮୨ ମିଟର ଏମଏସ୍ ପାଇପ ବିଛାଇବାକୁ ଥିବାବେଳେ ୨୨ ହଜାର ୬୭୮ ମିଟର କାମ ସମ୍ପୂର୍ଣ୍ଣ ହୋଇଛି। ସେହିପରି ୧ ଲକ୍ଷ ୧୧୯୩୬ ମିଟର ଡିଆଇ ପାଇପ୍ ବିଛାଇବାକୁ ଅଟକଳ ରହିଥିବାବେଳେ ୮୫ ହଜାର ୯ଶହ ମିଟର ପାଇପ ବିଛା ସରିଛି। ୧୮ ଲକ୍ଷ ୫୨ ହଜାର ୯୦୧ ମିଟର ଉଚ୍ଚମାନର ଫାଇବର ପାଇପ ବିଛାଇବାକୁ ଅଟକଳ ରହିଥିବାବେଳେ ୧୧ ଲକ୍ଷ ୨୨ ହଜାର ୪୮୮ ମିଟର କାମ ସରିଥିବା ଜଣାପଡ଼ିଛି। ବାମ ପାର୍ଶ୍ୱର ପାଇପ ବିଛା କାମ ପାଖାପାଖି ୭୫ ପ୍ରତିଶତ ସରିଯାଇଥିବାବେଳେ କାମ ଜୋରସୋରରେ ଚାଲିଛି। ଅନ୍ୟପକ୍ଷରେ ଡାହାଣ ପାର୍ଶ୍ୱ କାମ ବାମପାର୍ଶ୍ୱ ତୁଳନାରେ ଅଧିକ ଗତିରେ ଚାଲିଥିବା ଜଣାପଡ଼ିଛି। ଏହି ପାର୍ଶ୍ୱର ପମ୍ପ ହାଉସ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ସୁଇଚ୍ ଗିଅର ଘର ମଧ୍ୟ ସମ୍ପୂର୍ଣ୍ଣ ହୋଇଛି। କଣ୍ଟ୍ରୋଲରୁମ୍ କାମ ସରିଯାଇଥିବା ବେଳେ ବିଦ୍ୟୁତୀକରଣ କାମ ମଧ୍ୟ ଦୃତ ଗତିରେ ଚାଲିଥିବା ଜଣାପଡ଼ିଛି। ୮୨୭ ମିଟର ଆପ୍ରୋଚ କେନାଲ ରୁ ୭୯୦ ମିଟର ଖୋଲାସରିଥିବା ବେଳେ ପଥର ପ୍ୟାଚିଂ କାମ ମଧ୍ୟ ଚାଲିଥିବା ଜଣାପଡ଼ିଛି। ଏମ୍‌ଏସ ପାଇପର ଫେବ୍ରିକେସନ ଓ ପେଣ୍ଟିଂ କାମ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ମିଳିଛି। ସେହିପରି ଡାହାଣ ପାର୍ଶ୍ୱରେ ୫୯ ହଜାର ୩୪ ମିଟର ଏମ୍‌ଏସ ପାଇପ ବିଛାଇବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୫୪ ହଜାର ୮୦୭ ମିଟର ପାଇପ ବିଛାଯାଇଛି। ୧ ଲକ୍ଷ ୨୪ ହଜାର ୯୫୬ ମିଟର ଡିଆଇ ପାଇପ ବିଛାଇବାକୁ ଲକ୍ଷ୍ୟ ରହିଥିବାବେଳେ ୧ ଲକ୍ଷ ୧୦ ହଜାର ୫୩୮ ମିଟର ପାଇପ ବିଛାଯାଇଛି। ୩୧ ଲକ୍ଷ ୫ ହଜାର ୨୦୩ ମିଟର ଉଚ୍ଚମାନର ପଲିଥିନ ପାଇପ ବିଛାଇବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ୨୬ ଲକ୍ଷ ୪୭ ହଜାର ୯୯୮ ମିଟର ପାଇପ ବିଛାଯାଇଥିବା ଜଣାପଡ଼ିଛି। ଏହି ପାର୍ଶ୍ୱରେ ୨୭ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବାର ଲକ୍ଷ୍ୟ ରଖାଯାଇଛି। ତେବେ କେନାଲ ଦ୍ୱାରା ଜଳସେଚନ ବଦଳରେ ପାଇପ ଜଳସେଚନ ବ୍ୟବସ୍ଥା କରିବାକୁ ତତ୍‌କାଳୀନ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ସେହି ସମୟରେ ନିଆଯାଇଥିବା ନିଷ୍ପତ୍ତି ଓ ଦେଇଥିବା ଦିଗଦର୍ଶନ ପାଇଁ ବଲାଙ୍ଗିର ଜିଲ୍ଲା ପାଇଁ ଏକ ବଡ଼ ଉପଲବ୍ଧି ହେବାକୁ ଯାଉଥିବା ଆଲୋଚନା ହେଉଛି। କିଛି ମାସ ଭିତରେ ଏହି କାମ ସରିବା ପରେ ଖୁବଶୀଘ୍ର ଜମିକୁ ପାଣି ମାଡ଼ିବ ବୋଲି ଜଣାପଡ଼ିଛି।

**ବାମ ପାର୍ଶ୍ୱରେ ୭୫ ଓ ଡାହାଣ ପାର୍ଶ୍ୱରେ ୮୫ ପ୍ରତିଶତ ସରିଲାଣି କାମ**

### ■ ପାଚେରି ତଳେ ୨ ଶ୍ରମିକ ଚାପି ହେବା ଘଟଣା

## ଆଖି ବୁଜିଲେ ଆଉ ଜଣେ ଶ୍ରମିକ





**କଣ୍ଟାବାଞ୍ଜି, ୧୭ ।୧(ସମିସ):** କଣ୍ଟାବାଞ୍ଜି ରେଳବାଇ ଷ୍ଟେସନ ଉନ୍ନତୀକରଣ କାମ ଚାଲିଥିବାବେଳେ ପୁରୁଣା ପାଚେରିକୁ ଜେସିବି ଲଗାଇ ଭଙ୍ଗା ଯାଉଥିବାବେଳେ ସେଠାରେ କାମ କରୁଥିବା ବିହାର ରାଜ୍ୟର ୨ ଜଣ ଶ୍ରମିକ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ଉମେଶ ରିସିଦେବଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ କେଶୁ ରିସିଦେବକୁ କଣ୍ଟାବାଞ୍ଜି ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କେଶୁ ରିସିଦେବଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କଣ୍ଟାବାଞ୍ଜି ରେଳଷ୍ଟେସନ ଉନ୍ନତୀକରଣ ଦାୟିତ୍ୱରେ ଥିବା ଟିଟିଲାଗଡ଼ର ପ୍ରତିଷ୍ଠିତ ଠିକା ସଂସ୍ଥା ମାଲିକ କିଛି ବଡ଼ବଡିଆଙ୍କ ଅତି ନିକଟତମ ବ୍ୟକ୍ତି ଥିବା ହେତୁ ବାରମ୍ବାର ବିଭାଗୀୟ ନିୟମ ସେ ଉଲ୍ଲଙ୍ଘନ କଲେ ମଧ୍ୟ ସମ୍ବଲପୁର ରେଳମଣ୍ଡଳ ଅଧିକାରୀମାନେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଠିକା ସଂସ୍ଥାର ଅବହେଳା ହେତୁ ବାରମ୍ବାର ଗୋଟିଏ ପରେ ଗୋଟିଏ ଶ୍ରମିକଙ୍କ ଜୀବନ ଯାଉଛି। ମୃତ୍ୟୁବରଣ କରିଥିବା ୨ଶ୍ରମିକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସାଧାରଣ ରେ ଦାବି ହେଉଛି। ତେବେ ଏନେଇ ରେଳବିଭାଗର କୌଣସି ଅଧିକାରୀ ପ୍ରତିକ୍ରିୟା ଦେଉ ନାହାଁନ୍ତି।

## ହରିଶଙ୍କରରେ ବନାଗ୍ନି ସଚେତନତା ଶିବିର



**ଖପ୍ରାଖୋଲ, ୧୭ ।୧(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନବିଭାଗ ସଭା ଗୃହ ଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତାରେ ବନାଗ୍ନି ସଚେତନତା ଶିବିର ହରିଶଙ୍କର ବନାଞ୍ଚଳ ଅଧିକାରୀ ତଥା ଏସିଏଫ୍ ଅରବିନ୍ଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବାନାଗ୍ନିର କାରଣ ଓ ନିରାକରଣ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ଭାନପୁର ସରପଞ୍ଚ ରିନା ଜାଲ, ନାନ୍ଦୁପଲା ସରପଞ୍ଚ ନିଲେନ୍ଦ୍ରି ପୁଝାରୀ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ରେଙ୍ଗାଲି ବନପାଳ ବିପିନ ବିହାରୀ ସାହୁ, ନୃପନାଗ, ସମେତ ବନସୁରକ୍ଷା ସମିତିସଭ୍ୟ, ଅଗ୍ନିଶମ ବିଭାଗ କର୍ମଚାରୀ, ବନବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

### ମେଡିକାଲ କାମରେ ବଲାଙ୍ଗିର ଆସି ନିଖୋଜ ଥିଲେ

## ୨୩ ଦିନ ପରେ ଜଙ୍ଗଲରୁ ମିଳିଲା ମୃତଦେହ

**ବଲାଙ୍ଗିର, ୧୭।୧(ସମିସ):** ବଲାଙ୍ଗିର ଜିଲ୍ଲା ସଦର ଥାନା ଅଧୀନ ରତାଖଣ୍ଡି ଗାଁ ନିକଟରେ ଥିବା ଜଙ୍ଗଲରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ବ୍ୟକ୍ତିଙ୍କୁ ହତ୍ୟାକରି ଫିଙ୍ଗିଦିଆଯାଇଥିବା ସନ୍ଦେହ କରାଯାଉଛି। ସଦର ପୁଲିସ ତଦନ୍ତ କରି ଯୁବକଙ୍କ ପରିଚୟ ଠାବ କରିବା ପରେ ତଦନ୍ତକୁ ଆଗକୁ ବଢ଼ାଇଛି। ମୃତକ ଜଣକ ତୁଷୁରା ଥାନା ଅଧୀନ ଜାମୁଟ ଗ୍ରାମର ନିଳାଞ୍ଚଳ ରଣା(୪୨) ବୋଲି ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

ପ୍ରକାଶଯେ ଡିସେମ୍ବର ମାସ ୨୫ ତାରିଖ ଦିନ ନିଳାଞ୍ଚଳ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆସିଥିଲେ। ତାଙ୍କର ସମ୍ପର୍କୀୟଙ୍କୁ ଦେଖିବାକୁ ସେ ଆସିଥିବାବେଳେ ଘରକୁ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେବି ତାଙ୍କର ପତ୍ତା ମିଳି ନ ଥିଲା। ଫଳରେ ୨୭ ତାରିଖ ଦିନ ତୁଷୁରା ଥାନାରେ ଏତଲା ଦେଇଥିଲେ। ପୁଲିସ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଥିଲା। ଗତ ଦୁଇଦିନ ତଳେ ପରିବାର ଲୋକେ ବଲାଙ୍ଗିର ଏସ୍‌ପିଙ୍କୁ ସାକ୍ଷାତ କରି ନିଳାଞ୍ଚଳଙ୍କୁ ଖୋଜି ବାହାର କରିବାକୁ ଦାବି କରିଥିବାବେଳେ ଶୁକ୍ରବାର ତାଙ୍କର ମୃତଦେହ ଠାବ ହୋଇଛି। ନିଖୋଜ ହେବାର ୨୩ ଦିନ ପରେ ବଲାଙ୍ଗିର ଦେଓଗାଁ ରାସ୍ତା ସ୍ଥିତ ରତାଖଣ୍ଡି ଜଙ୍ଗଲରୁ ତାଙ୍କର ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ନିକଟରେ ଏକ ବ୍ୟାଗ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏବଂ ତାର ପରିଚୟ ଖୋଜିଥିଲା। ତଦନ୍ତର କିଛି ସମୟପରେ ମୃତକଙ୍କ ପରିଚୟ ମିଳିବାରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ଲୋକେ ସନ୍ଦେହ କରୁଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି। ଖବର ଲେଖାହେବା ପର୍ଯ୍ୟନ୍ତ ପରିବାର ଲୋକଙ୍କ ତରଫରୁ କୌଣସି ଅଭିଯୋଗ କରାଯାଇ ନ ଥିବା ସଦର ଥାନାରୁ ସୂଚନା ମିଳିଛି।

**ଦୁଇଦିନ ତଳେ ଏସ୍‌ପିଙ୍କୁ ଭେଟିଥିଲେ ପରିବାର**



## ବଦଳିଲେ ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା

### କେନ୍ଦ୍ରପଡ଼ା ଡିଇଓ ପ୍ରଦୀପ ନାଗଙ୍କୁ ଦାୟିତ୍ୱ

**ବଲାଙ୍ଗିର, ୧୭।୧(ସମିସ):** ଦୀର୍ଘ ବର୍ଷ ପରେ ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବଦଳି ହୋଇଛି। ଦୁଇ ବର୍ଷ ପୂର୍ବରୁ ତାଙ୍କର ପଦୋନ୍ନତି ହୋଇଥିବା ବେଳେ ସେ ବଲାଙ୍ଗିର ଜିଲ୍ଲା ଶିକ୍ଷାଧିକାରୀ ଦାୟିତ୍ୱରେ ହିଁ ରହିଥିଲେ। ତେବେ ତାଙ୍କର ଅତିରିକ୍ତ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ କେନ୍ଦ୍ରାପଡ଼ା ଡିଇଓଙ୍କୁ ବଲାଙ୍ଗିର ଡିଇଓ ଭାବେ ବଦଳି କରାଯାଇଥିବା ଜଣାପଡ଼ିଛି। ଗତ ପ୍ରାୟ ଛଅ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ବଲାଙ୍ଗିର ଜିଲ୍ଲା ଶିକ୍ଷାଧିକାରୀ ଦାୟିତ୍ୱରେ ଧ୍ରୁବଚରଣ ବେହେରା ରହିଥିଲେ। ଏହି ଛଅ ବର୍ଷ ଭିତରେ ଜିଲ୍ଲାରେ ନକଲି ପ୍ରମାଣପତ୍ର ମାମଲାରେ ତାଙ୍କର କାର୍ଯ୍ୟକଳାପ ବେଶ ବିବାଦୀୟ ହୋଇ ରହିଥିଲା। ଏପରିକି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କର କାର୍ଯ୍ୟକଳାପ ବିବାଦୀୟ ହୋଇ ରହିଥିଲା। କିନ୍ତୁ ନିଜ ପ୍ରଭାବ ବଳରେ ସେ ବଲାଙ୍ଗିର ଜିଲ୍ଲା ଶିକ୍ଷାଧିକାରୀ ପଦରେ ସେ ରହିଆସୁଥିଲେ। ଏପରିକି ତାଙ୍କର ପଦୋନ୍ନତି ପରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ ବଦଳି କରାଯିବା କଥା କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ତାଙ୍କର ବଦଳି ହୋଇ ନ ଥିଲା। କିନ୍ତୁ ଶୁକ୍ରବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ହୋଇଥିବା ବଦଳି ତାଲିକାରେ ଶ୍ରୀ ବେହେରାଙ୍କ ବଦଳି ହୋଇଥିବା ଜଣାପଡ଼ିଛି। ତାଙ୍କୁ ଶିକ୍ଷା ନିର୍ଦ୍ଦେଶାଳୟକୁ ଅତିରିକ୍ତ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ତଥା ଡିପିସି ପ୍ରଦୀପ କୁମାର ନାଗଙ୍କୁ ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଡିପିସି ଭାବେ ବଦଳି କରାଯାଇଥିବା ଜଣାପଡ଼ିଛି। ତେବେ ଜଣେ ଅଧିକାରୀ ଏତେ ବର୍ଷ ଧରି ଗୋଟିଏ ଜିଲ୍ଲାରେ ଶିକ୍ଷା ବିଭାଗ ମୁଖ୍ୟ ଦାୟିତ୍ୱ ରେ ରହିବା ଖୁବ୍‌କମ ଦେଖିବାକୁ ମିଳିଥିବା ବେଳେ ଶ୍ରୀ ବେହେରା ତାଙ୍କର ଏହି ଚୌକିମୋହକୁ ନେଇ ଚର୍ଚ୍ଚାରେ ରହିଆସିଥିଲେ।

### ଷ୍ଟେସନ ଉନ୍ନତିକରଣ କାର୍ଯ୍ୟ ପାଇଁ ରାସ୍ତା ବନ୍ଦ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ମାଲଗୋଦାମ ପଡ଼ାବାସୀ



**ବଲାଙ୍ଗିର, ୧୭।୧ (ସମିସ):** ବଲାଙ୍ଗିର ରେଳଷ୍ଟେସନ ଉନ୍ନତିକରଣ କାର୍ଯ୍ୟ ପରିପେକ୍ଷୀରେ ମୁକୁଳା ହୋଇପଡ଼ିଥିବା ରେଳଷ୍ଟେସନକୁ ଚାରିପଟୁ ବନ୍ଦ କରିଛି ରେଳ ବିଭାଗ। ଯାହାଫଳରେ ରେଳ ଷ୍ଟେସନ ନିକଟରେ ରହୁଥିବା ମାଲଗୋଦାମ ପଡ଼ା ବାସିନ୍ଦାଙ୍କ ସବୁଦିନିଆ ଯାତାୟାତ ରାସ୍ତା ବନ୍ଦ ହୋଇଛି। ତେବେ ରାସ୍ତା ଛାଡିବାକୁ ଦାବି କରି ମାଲଗୋଦାମ ପଡ଼ାରେ ରହୁଥିବା ପୁରୁଷ ମହିଳା, ଛାତ୍ରଛାତ୍ରୀ ଶୁକ୍ରବାର ମଧ୍ୟାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି। ଦଳିତ ସଂଗଠକ ଲବ ସୁନାଙ୍କ ନେତୃତ୍ୱରେ ସ୍ଥାନୀୟ କୋଶଳ କଳାମଣ୍ଡଳରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାର କରିଥିଲେ। ସହର ପରିକ୍ରମା କରି ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଜିଲ୍ଲା ପ୍ରଶାସନ ଓ ରେଳବାଇ ସେମାନଙ୍କ ପ୍ରତି ଅନ୍ୟାୟ କରୁଥିବା ଅଭିଯୋଗ ଆଣି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ଗୁଡିକ ମଧ୍ୟରେ ମାଲଗୋଦାମ ପଡ଼ା ବାସିନ୍ଦାଙ୍କୁ ରେଳବାଇ ତରଫରୁ ରାସ୍ତା ଦିଆଯିବା ସହିତ ସେଠାରେ ପାଠାଗାର ନିର୍ମାଣ ଏବଂ ପ୍ରତି ୬ ମାସରେ ଥରେ ଅପରାଧ ନିୟନ୍ତ୍ରଣ ଶିବିର ଆୟୋଜନ କରାଯାଉ ବୋଲି ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାଲଗୋଦାମ ପଡ଼ାରୁ ଶତାଧିକ ପୁରୁଷ, ମହିଳା ଉପସ୍ଥିତ ଥିଲେ।

## ରାଜେନ୍ଦ୍ର ନଗର ଫୁଟବଲ୍ ପ୍ରତିଯୋଗିତା



**କଣ୍ଟାବାଞ୍ଜି, ୧୭।୧(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜିରେ ଡାଙ୍ଗବାହାଲି ଖେଳପଡ଼ିଆରେ ଶୁକ୍ରବାର ଆୟୋଜିତ ଫୁଟବଲ ପ୍ରତିଯୋଗିତାର ସେମି ଫାଇନାଲ ମ୍ୟାଚରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ତଥା ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ୍ ଯୋଷୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଶିକ୍ଷାବିତ୍ ରାଜେଶ୍ ମହାନ୍ତି, ଏସ୍‌ୟୁଜେ ବଲାଙ୍ଗିର ଜିଲ୍ଲା ଉପସଭାପତି ରୋହନ କୁମାର ମହତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଖେଳ ପ୍ରତିଯୋଗିତାରେ ବିଭିନ୍ନ ଗ୍ରାମାଞ୍ଚଳର ୧୬ ଟି ଦଳ ଅଂଶଗ୍ରହଣ କରିଛନ୍ତି। ଜଗନ୍ନାଥ ପୁଟେଲ, ସୁଶାନ୍ତ ପଟେଲ, ଇକୁ ବେହେରା, ରଥ, ଆକାଶ ବିଶି, ଅଜୟ ପଟେଲ, କୃଷ୍ଣ, ଡବଲୁ ହାତି ପ୍ରମୁଖ ସହଯୋଗ କରିଥିଲେ।

## ଜାମଗାଁ ହାଇସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ବଲାଙ୍ଗିର, ୧୭ ।୧(ସମିସ):** ପୁଇଁତଳା ବ୍ଲକ ଅଧୀନ ଜାମଗାଁ ହାଇସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ କମ୍ପ, ମୁଖ୍ୟବକ୍ତାଭାବେ ଶିକ୍ଷାବିତ ରାଜକିଶୋର ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଅଶୋକ ପଣ୍ଡା, ହିନ୍ଦୀ ଶିକ୍ଷକ ପ୍ରଭାତ ସାହୁ ମଞ୍ଚାସୀନ ଥିଲେ। ସଂଯୋଜନା ଶିକ୍ଷକ ଅଜିତ ରାଉତ, ଛାତ୍ରୀ ଅର୍ଚ୍ଚିତା ଡାଙ୍ଗ ଓ ଜ୍ୟୋତିର୍ମୟୀ ପଧାନ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ନମିତା ପାଣିଗ୍ରାହୀ। ସଭାପରେ ଶିକ୍ଷକ ରାଜକିଶୋର ପଣ୍ଡାଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ 'ଚାଲ ପାଠ ପଢ଼ମା', 'ଦିନରାତି' ଓ 'ଦୁହେଁ ପାଗଲ' ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଶିକ୍ଷକ ସଞ୍ଜୀବ ନାଏକ, ଦୁଃଖନାଶନ ବାଗ, ଶିବଶଙ୍କର ପାଣିଗ୍ରାହୀ, ହରେକୃଷ୍ଣ ନାଏକ, ସଚ୍ଚିଦାନନ୍ଦ ସାହୁ, ମହେଶ୍ୱର ଝାଙ୍କର, ବବୁଲୁ ଦେହୁରୀ, ସୌରଭ ନାଏକ, ଧୀରେନ ସୁନା, ଶିକ୍ଷୟିତ୍ରୀ ରଞ୍ଜିତା ରଣା, ପ୍ରତିଭା ମୁନା, ରୀତା ପଧାନ, ସୁକାନ୍ତି ସେଠ ଓ ଶିକ୍ଷା କର୍ମଚାରୀ ରାଜକିଶୋର ପଧାନ, ଦେବାଶିଷ ପଧାନ ସହଯୋଗ କରିଥିଲେ।

### ପମ୍ପ ଅଛି, ଟ୍ୟାପ୍ ଲାଗିଛି; ଆସୁନି ପାଣି

## ପିଇବା ପାଣି ପାଇଁ ଉହକବିକଳ ଗ୍ରାମବାସୀ

**ସଇଁତଳା, ୧୭।୧(ସମିସ)**

ସଇଁତଳା ବ୍ଲକ କୁଇକେଡ଼ା ପଞ୍ଚାୟତ ଅଧୀନ କମରଲଗା ଗ୍ରାମବାସୀ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗ୍ରାମରେ ପାଖାପାଖି ଆଠଶହରୁ ଅଧିକ ଜନସାଧାସରଣ ବସବାସ କରୁଛନ୍ତି। ଗ୍ରାମବାସୀ ପାନୀୟଜଳ ପାଇଁ ଗ୍ରାମରେ ମାତ୍ର ୫ଟି ନଳକୂପ ରହିଥିବାବେଳେ ଉକ୍ତ ନଳକୂପରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବାରୁ ତାହା ପିଇବା ପାଇଁ ଅଯୋଗ୍ୟ ଅଟେ। ପାନୀୟଜଳ ପାଇଁ ଗ୍ରାମବାସୀ ଗ୍ରାମଠାରୁ ୧ କିମି ଦୂରରେ ଥିବା ଲାନ୍ତ ନଦୀକୁ ଯାଇ ସେଠାରୁ ପାନୀୟଜଳ ସଂଗ୍ରହ କରୁଛନ୍ତି। ବସୁଧା ଯୋଜନାରେ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ନିକଟରେ ଥିବା ଲାନ୍ତ ନଦୀରୁ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ଗ୍ରାମକୁ ପାଇପ ଲାଇନ ବିଛାଇ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାପ୍‌ର ବ୍ୟବସ୍ଥା ମଧ୍ୟ ରହିଛି। କିଛି ବର୍ଷପୂର୍ବରୁ ସମସ୍ତ କାର୍ଯ୍ୟ ସରିବା ପରେ ଗ୍ରାମକୁ ଲଗାତାର ଭାବରେ ତିନିମାସ ପାଇଁ ପାନୀୟଜଳ ଯୋଗାଣ ହୋଇଥିଲା। ଠିକାସଂସ୍ଥା ତରଫରୁ ପମ୍ପଚାଳକ ଚକ୍ରଧର ବଗତିଙ୍କୁ ଦରମା ପ୍ରଦାନ ନ କରିବାରୁ ସେ ଆଉ ପାନୀୟ ଜଳ ଯୋଗାଣ କରୁନାହାନ୍ତି। ଯାହାଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦରମା ନ ପାଇଲେ ମୁଁ ଗ୍ରାମକୁ ପାନୀୟ ଜଳ ଯୋଗାଣ କରିବି ନାହିଁ ବୋଲି ଗ୍ରାମବାସୀଙ୍କୁ କହିଛନ୍ତି। ଠିକା ନେଇଥିବା ସଂସ୍ଥା ପମ୍ପ ଚାଳକଙ୍କୁ ଦୀର୍ଘ ୬ମାସ ହେଲା ଦରମା ପ୍ରଦାନ କରି ନ ଥିବାରୁ ପମ୍ପ ଚାଳକ ପାନୀୟ ଜଳ ଯୋଗାଣ ବନ୍ଦ କରିଦେଇଛନ୍ତି। ଏହାକୁ ନେଇ ଗ୍ରାମର ପ୍ରତୀପ କୁମାର ମାଝୀ, ଦୈତାରୀ ମହାନନ୍ଦ, ରମାକାନ୍ତ ମାଝୀ, କୁଶ ମାଝୀ, କାର୍ତ୍ତିକ ମାଝୀ, ଉପେନ୍ଦ୍ରା ହରପାଲ, ଆରତୀ ଭୋଇ, ଜୟନ୍ତୀ ମାଝୀ, ନେତ୍ର ମାଝୀ, ଗୋଲାପୀ ମାଝୀ ପ୍ରମୁଖ ପାନୀୟ ଜଳ ସମସ୍ୟା ହେଉଥିବାବେଳେ ପମ୍ପ ଚାଳକଙ୍କୁ ଅନ୍ୟନ୍ତ ବଦଳି କରି ତାଙ୍କ ସ୍ଥାନରେ ଅନ୍ୟ ଜଣେ ପମ୍ପ ଚାଳକଙ୍କୁ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଏ ନେଇ ସଇଁତଳା ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ଇତିଶ୍ରୀ ଦେହୁରିଙ୍କୁ ପଚାରିବାରୁ ଠିକା ସଂସ୍ଥା ପାଞ୍ଚ ବର୍ଷ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବା କଥା। କିନ୍ତୁ ସେ ପମ୍ପଚାଳକଙ୍କୁ ଦରମା ପ୍ରଦାନ କରୁନାହିଁ। ବର୍ତ୍ତମାନ ଆମ କାର୍ଯ୍ୟାଳୟ ତରଫରୁ ସରପଞ୍ଚଙ୍କ ଜରିଆରେ ପମ୍ପ ଚାଳକଙ୍କୁ ଦରମା ପ୍ରଦାନ କରିବାକୁ ଲିଖିତ ଭାବରେ ଉପରିସ୍ଥ ଅଧିକାରୀଙ୍କୁ ଦିଆଯାଇ ଥିବାବେଳେ ଅନୁମତି ଆସିଲେ ପମ୍ପ ଚାଳକଙ୍କୁ ଦରମା ପ୍ରଦାନ କରାଯିବ ବୋଲି କହିଥିଲେ।



# କେଗାଁ ବ୍ଲକ୍ ସ୍ଥାପନ ପାଇଁ ଦାବି ଜୋର୍ ଧରିଲା

## ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ଅଞ୍ଚଳବାସୀ

ଧର୍ମଗଡ଼,୧୭।୧(ସମିସ)

ବର୍ତ୍ତମାନ ରାଜ୍ୟ ସରକାର ଓଡିଶାରେ ବ୍ଲକ୍ ପୁନଃଗଠନ କରାଯିବାକୁ ପକ୍ରିୟା ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି। ୧୯୯୩ ମସିହାରୁ କଳହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର କେଗାଁରେ ବ୍ଲକ ସ୍ଥାପନା ପାଇଁ ଦାବି କରିଆସୁଛନ୍ତି। ଏହିକ୍ରମରେ ଅଞ୍ଚଳବାସୀ ଭବାନୀପାଟଣାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋଲାମୁଣ୍ଡା ବ୍ଲକର କେଗାଁ ଅଞ୍ଚଳ ଏକ ହରିଜନ ଓ ଆଦିବାସୀ ବହୁଳ ଅଞ୍ଚଳ। ଏହି ଅଞ୍ଚଳର ଅନେକ ପଞ୍ଚାୟତର ଲୋକେ ଗୋଲାମୁଣ୍ଡା ବ୍ଲକକୁ ଯିବାକୁ ହେଲେ ୪୦ ରୁ ୬୦ କିଲୋମିଟର ପଡୁଛି। କେଗାଁରେ ବ୍ଲକ ସ୍ଥାପନ ପାଇଁ ଭୌଗୋଳିକ ସ୍ଥିତି ଠିକ୍ ରହିଛି।

ଏଠାରେ ରାଜା ରାଜୁଡା ଅମଳରୁ ଥାନା, ଡାକ ବଙ୍ଗଳା, ଫରେଷ୍ଟ ରେଞ୍ଜ ଅଫିସ, କେନ୍ଦୁଲିଫ ଅଫିସ, ରାଜସ୍ୱ ବିଭାଗ ଅଫିସ, କୃଷି ବିଭାଗ ଅଫିସ, ସିଆରପିଏଫ କ୍ୟାମ୍ପ ସହ ଅନେକ



ବେସରକାରୀ ଅଫିସ, ଉଚ୍ଚ ବିଦ୍ୟାଳୟ, +୨ ଓ +୩ ମହାବିଦ୍ୟାଳୟ ଅଛି। କେଗାଁ ଜିଲ୍ଲା ପରିଷଦ ଯୋନରେ ୧୦ଟି ପଞ୍ଚାୟତ କେଗାଁ, ସିନାପାଲି, ବୋର୍ଡି, କୁହୁରା, ମହାଲିଙ୍ଗ, ଲେଡେର, ନୂଆଗାଁ, ଚହକା, ଉଛଲା, ବଡଟେରଗାଁ ରହିଛି। ଚପ୍ରିଆ, ଖଲିଆପାଲି ଓ ଉଦେଶୃଙ୍ଗ ପଞ୍ଚାୟତ ତଥା ସଦର ବ୍ଲକର ବୋର୍ଡା ଅଞ୍ଚଳର ୪ଟି ପଞ୍ଚାୟତ କେଗାଁ ଅତି ନିକଟରେ ଅବସ୍ଥିତ। ଅପରପକ୍ଷରେ ବିଗତ ବର୍ଷରେ ସଦର ବ୍ଲକର କେତେକ ପଞ୍ଚାୟତ ଓ ଦଶପୁର ଜିଲ୍ଲା ପରିଷଦ ଜୋନର କେତେକ ପଞ୍ଚାୟତର ଲୋକେ କେଗାଁରେ ବ୍ଲକ ସ୍ଥାପନ ପାଇଁ ଦାବି କରିଥଲେ। ଏଣୁ କେଗାଁରେ ବ୍ଲକ ସ୍ଥାପନ ହେଲେ ଲକ୍ଷାଧିକ ଲୋକେ ଅନେକ ସୁବିଧା ପାଇ ପାରିବେ ବୋଲି ଦାବିପତ୍ରରେ ଦର୍ଶାଯାଇଛି।

କେଗାଁରେ ବ୍ଲକ ସ୍ଥାପନା ପାଇଁ ଅଞ୍ଚଳବାସୀ ୧୯୯୩ ମସିହାରେ ତତକାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ୨୦୦୦, ୨୦୧୧ ଓ ୨୦୧୬ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଶାସନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ଏକଠିହେଲେ ସବୁ କାଉନ୍ସିଲର

କେସିଙ୍ଗା,୧୭ ।୧(ସମିସ): କେସିଙ୍ଗା ସହରର ବିଭିନ୍ନ ସମସ୍ୟାକୁ ନେଇ କେସିଙ୍ଗା ଏନ୍ଏସିର କାଉନସିଲର ଓ ପୂର୍ବତନ କାଉନସିଲରମାନେ ଏକ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ରମେଶଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କାରିଛନ୍ତି। ଅତି ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି। ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ବିରାଟ ଆନ୍ଦୋଳନ ଆରମ୍ଭ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ସହରକୁ ୨୪ ଘଣ୍ଟା ପିଇବା ପାଣି ଯୋଗାଣ, କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ବିଶେଷଜ୍ଞ ନିଯୁକ୍ତି,



- କେସିଙ୍ଗା ସହରର ବିଭିନ୍ନ ସମସ୍ୟାର ସମାଧାନ ଦାବି
- ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ
- ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ବେକାରୀ ଯୁବକ ଯୁବତୀଙ୍କ ଥାଇଥାନ, କେସିଙ୍ଗା ମେଡିକାଲରେ ଏକ ଶବବାହକ ଯାନର ବ୍ୟବସ୍ଥା, ନଦୀ କୂଳରେ ଥିବା ଶ୍ମଶାନର ଉନ୍ନତି, କେସିଙ୍ଗା ଟାଉନ ପରିସରରେ ସିସି ଟିଭି କ୍ୟାମେରାର ବ୍ୟବସ୍ଥା ସାଙ୍ଗକୁ କେସିଙ୍ଗା ମେଡିକାଲରେ ଏକ ରକ୍ତଭଣ୍ଡାର ନିର୍ମାଣ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। କାଉନସିଲର ରମାକାନ୍ତ ଜେନା, ରୋହିତ ଜୈନ, ଭୂପିନ୍ଦର ଘିଭେଲା, ମଞ୍ଜୁ ମାଝୀ, ମଞ୍ଜୁଳା ସାହୁ, ପୂର୍ବତନ କାଉନସିଲର ବିଜୟ ଦୀପ, ସଦା ମାଝୀ, ମୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଏସ୍ପି, କେସିଙ୍ଗା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ, କେସିଙ୍ଗା ଏସଡିପିଓ ଏବଂ କେସିଙ୍ଗା ଥାନା ଅଧିକାରୀଙ୍କୁ ମଧ୍ୟ ଏକାର କପି ପ୍ରଦାନ କରାଯାଇଛି।

## ଆଜି ତୁଳାପଡା ଡ୍ୟାମ୍ ପ୍ରୋଜେକ୍ଟରେ ପକ୍ଷୀଗଣନା



ନର୍ଲା,୧୭ ।୧(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ରେଞ୍ଜ ତୁଳାପଡା ଡ୍ୟାମ୍ ପ୍ରୋଜେକ୍ଟରେ ଶନିବାର ପକ୍ଷୀଗଣନା ଆରମ୍ଭ ହେବ। ଏ ନେଇ ଜଙ୍ଗଲ ବିଭାଗ ରେଞ୍ଜର ଏବଂ ତାଙ୍କ ଟିମ୍ ଦ୍ୱାରା ମକଡ୍ରିଲ କରାଯାଇଛି। ରେଞ୍ଜର ଭାରତବନ୍ଧୁ ଶବର ଏବଂ ତାଙ୍କ ଟିମ୍ ଦାମୋଦର ଉଚ୍ଚ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କୁ ନେଇ ପକ୍ଷୀମାନଙ୍କୁ ବାଇନାକୁଲାର ଦ୍ୱାରା ଦେଖି ଚିହ୍ନଟ କରିବା ସୂଚାଇଥିଲେ। ଫରେଷ୍ଟର ଭବାନୀଶଙ୍କର ନାୟକ, ସୁଶୀଳା ମହାରଣା, ଗୁନି ମହାରଣା, ପ୍ରଦୀପ୍ତ ପୂଝାରୀ, ଗୟାମାଝୀ, ସୁଜିତ ସାହୁ, ସରିତା ପୂଝାରୀ, ଦିଆଲୁ ରାଉତ, ମଧୁସ୍ମିତା ଭୋଇ, ସଂଯୁକ୍ତା ନାଏକ, ମୋତିରଶ୍ମି ଛତ୍ରିଆ, ରଶ୍ମିତା ରାଉତ, ସୋନାଲି ସଂଘମିତ୍ରା ସାହୁ, ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚୈତନ୍ୟ ବାଗ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ରାଜ୍ୟସଭା ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କେସିଙ୍ଗା,୧୭ ।୧(ସମିସ): ରାଜ୍ୟସଭା ସଂସଦ ସୁଜିତ କୁମାରଙ୍କୁ କେସିଙ୍ଗାରେ ବିଜେପି ପକ୍ଷରୁ ସ୍ୱାଗତ କରାଯାଇଛି। ବିରିଙ୍ଗପଦରରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, କେସିଙ୍ଗା ବିଜେପି ନଗର ସଭାପତି ମଗନ ସିନ୍ଦୂର, ଗୋବିନ୍ଦ ବନଛୋର, ସଞ୍ଜୟ ଅଗ୍ରୱାଲ, ସନ୍ତୋଷ ଦାସ, ଧରଣୀ ନାଏକ, ପ୍ରଶାନ୍ତ ବାନାର୍ଜୀ ଓ ଅନ୍ୟାନ୍ୟ ବିଜେପି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଜେନ୍ଦ୍ରନାଥ ରାଉତଙ୍କ ସ୍ମୃତିପୀଠର ରୂପ ବଦଳିବ

ଧର୍ମଗଡ଼,୧୭ ।୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଛକସ୍ଥିତ ସହୀଦ ବିଜେନ୍ଦ୍ର ନାଥ ରାଉତଙ୍କ ସ୍ମୃତି ପୀଠର ରୂପ ବଦଳିବ। ଏହି ପୀଠର ଉନ୍ନତି ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ଶୁକ୍ରବାର ଉଦ୍‌ଘାଟନ କରାଯାଇଛି। ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ମୁତାବକ ଏହି କାର୍ଯ୍ୟର ଉଦ୍‌ଘାଟନ କରିଛନ୍ତି। ଏଥିଠି ଲାଗି ୨୦ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରିଛନ୍ତି। କନିଷ୍ଠ ଯନ୍ତ୍ରୀ ଚିତ୍ତରଂଜନ ଜେନା, ସହୀଦଙ୍କ ଭଉଣୀ ମାଣିକ୍ୟ ବିଶି, ଜଗତ ରାଉତ, ସଂଜୀବ ରାଉତ, ସାମ୍ବାଦିକ ଆଶୁତୋଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଅଷ୍ଟ ପ୍ରହର ନାମଯଜ୍ଞ ନିମନ୍ତେ ଶୁଭଖମ୍ବ ସ୍ଥାପନ



କୋକସରା,୧୭ ।୧(ସମିସ): କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ଇନ୍ଦ୍ରାବତୀ ତଳ କଲୋନୀ ପୁରୁଣା ଷ୍ଟୋରରୁମ୍‌ରେ ଫେବୃଆରୀ ୧୦ ତାରିଖରେ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଭୂମିପୂଜା ସହ ଶୁଭଖମ୍ବ ସ୍ଥାପନ କରାଯାଇଛି। ମୁରଲୀଧର ବିଶି ଓ ତାଙ୍କ ପତ୍ନୀ ସୁଭଦ୍ରା ବିଶି କର୍ତ୍ତା ଦାୟିତ୍ୱରେ ରହିଛନ୍ତି। ପୂଜକ ଉମାଶଙ୍କର ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶୁଭଖମ୍ବ ସ୍ଥାପନରେ ମନୋହର ବିଶି, ସୁଦର୍ଶନ ବେହେରା, ଅମିତ ପଣ୍ଡା, ବେଣୁଧର କାଣ୍ଡ, ବିପିନ୍ଦ୍ର ଶବର, କୁମୁଦକାନ୍ତ ବେହେରା, ଘନଶ୍ୟାମ ଦାସ, ମହେଶ୍ୱର କାଣ୍ଡ, ଯଶୋବନ୍ତ ନେଗୀ, ପରମେଶ୍ୱର କାଣ୍ଡ ସମେତ ମାଁ ଆଦିଶକ୍ତି ସଂକୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଇନ୍ଦିରା ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

ଜୁନାଗଡ,୧୭ ।୧(ସମିସ): ଜୁନାଗଡ଼ସ୍ଥିତ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜର ୪୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ସାଂସଦ ମାଳବିକା ଦେବୀ, ଜୁନାଗଡ ବିଧାୟକ କେପଟେନ୍ ଦିବ୍ୟ ବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, କଲେଜ ପରିଚାଳନା କମିଟି ସଭାପତି ବିଭୁତି ଭୂଷଣ ପଣ୍ଡା, କଲେଜ ଅଧକ୍ଷ ବିଭୁତି ଭୂଷଣ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ନିୟୁ ଏକାଡେମିକ ବିଲ୍ଡିଙ୍କୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା।



## ଲୋକସଂସ୍କୃତି ଓ ଲୋକପରମ୍ପରାକୁ ଉଜ୍ଜୀବିତ କରିଛି ପାରବା ମଞ୍ଚ

ଭବାନୀପାଟଣା, ୧୭ ।୧(ସମିସ): ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ପାରବା ମଞ୍ଚ ଲୋକ ସଂସ୍କୃତି ଓ ଲୋକ ପରମ୍ପରାକୁ ଉଜ୍ଜୀବିତ କରିଛି। ଏହା ସହିତ ଜିଲ୍ଲାର ଶିଶୁ ପ୍ରତିଭାକୁ ଏକ ଉତ୍କୃଷ୍ଟ ସୁଯୋଗ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସଂସ୍କୃତି ସଂଗଠକ ଜୟନ୍ତ ବେହେରା ଏହା କହିଛନ୍ତି। ପାରବା ମଞ୍ଚରେ ହେମନ୍ତ ସାହୁ, ବନଶ୍ରୀ ଦାଶ, ଦୀପ୍ତିମୟୀ ସିଂହ, ଆଶୁତୋଷ ପୁରୋହିତ, ବିକାଶ ମୁଣ୍ଡ, ରାଜେଶ କୁମାର, ଶିବଶକ୍ତି ପୁରୋହିତ, ଲିପ୍ସା ମହାରଣାଙ୍କ ସଂଯୋଜନାରେ ୨୧ଟି ଏକକ ଓ ଦଳଗତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।



## ଢେମସା ନାଚିଲେ ସହକାରୀ ଜିଲ୍ଲାପାଳ



ଭବାନୀପାଟଣା,୧୭ ।୧(ସମିସ): ୨୭ତମ କଳାହାଣ୍ଡି ଉତ୍ସବର ସହିଦ ରେଣ୍ଡୋ ମାଝୀ ମଞ୍ଚରେ କଳାହାଣ୍ଡି ତହସିଲଦାର ଶୁଭସ୍ମିତା ମିଶ୍ରଙ୍କ ଓଡିଶୀ ଓ ସହକାରୀ ଜିଲ୍ଲାପାଳ ମମତା ଦାସଙ୍କ ଢେମସା ନୃତ୍ୟ ଚର୍ଚ୍ଚାର ବିଷୟ ହୋଇଛି। ସହକାରୀ ଜିଲ୍ଲାପାଳ ମମତା ସ୍କୁଲ ସମୟରୁ ଶାସ୍ତ୍ରୀୟ ଓ ଆଧୁନିକ ନୃତ୍ୟ ପ୍ରତି ନିଜର ରୁଚି ରଖିଥିଲେ। ତେବେ ପ୍ରଶାସନିକ ସେବାରେ ଯୋଗ ଦେବା ଓ କଳାହାଣ୍ଡିରେ ନିଯୁକ୍ତି ପାଇବା ତଥା କଳାହାଣ୍ଡି ଉତ୍ସବ ଭଳି ମଞ୍ଚରେ ସୁଯୋଗ ମିଳିବାରୁ ସେ ଲୋକନୃତ୍ୟ ପାଇଁ ଉତ୍ସାହିତ ହୋଇଥିଲେ ଏବଂ ଢେମସା ନୃତ୍ୟ ପରିବେଷଣ କରିଥିଲେ। କମ୍ ସମୟର ପ୍ରସ୍ତୁତି ସତ୍ତ୍ୱେ ସେ ଚମତ୍କାର ନୃତ୍ୟ ପ୍ରଦର୍ଶନ କରିବା ଚର୍ଚ୍ଚାର ବିଷୟ ହୋଇଛି।

## କରକ ଜଳପ୍ରପାତର ଉନ୍ନତି କାମ ତଦାରଖ

କୋକସରା,୧୭ ।୧(ସମିସ): ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେଡ଼ି ବିଧାୟକ ମୌଷଧୀ ବାଗ କୋକସରା ବ୍ଲକ୍ ଆମପାଣିସ୍ଥିତ କରକ ଜଳପ୍ରପାତର ଉନ୍ନୟନ କାମ ତଦାରଖ କରିଛନ୍ତି।



ସ୍ଥାନୀୟ ଲୋକଙ୍କ ସହିତ ସେ କରକ ଜଳପ୍ରପାତର ଉନ୍ନତି ବିଷୟରେ ଆଲୋଚନା କରିଛନ୍ତି। ତାଙ୍କ ସରକାର ସମୟରେ କରକର ଉନ୍ନତି ପାଇଁ ପ୍ରାୟ ୧୮ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ବନ ବିଭାଗ ଦ୍ୱାରା ୪ଲକ୍ଷ ଟଙ୍କାରେ ଏକ ୱାଚ୍ ଟାୱାର ନିର୍ମାଣ ହୋଇଛି। ତେବେ ଅନ୍ୟାନ୍ୟ କିଛି ଉନ୍ନତି କାର୍ଯ୍ୟ ଆଗକୁ ବଢ଼ିପାରି ନାହିଁ। ଏହା ଦେଖିବା ପରେ ଶ୍ରୀ ବାଗ ଧର୍ମଗଡ଼ ବନାଞ୍ଚଳ ଅଧିକାରୀଙ୍କ ସହିତ ଫୋନ୍ ଯୋଗେ ଯୋଗାଯୋଗ କରି କାହିଁକି ଏହାର ଉନ୍ନତି କାର୍ଯ୍ୟ ଆଗକୁ ବଢ଼ି ନାହିଁ ସେ ବିଷୟରେ ଆଲୋଚନା କରିଥିଲେ। ଏହାର ଉନ୍ନତି ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଚିଠି ମଧ୍ୟରେ ଅବଗତ କରିବା ପାଇଁ କହିଛନ୍ତି। ତାଙ୍କର ଏହି ପରିଦର୍ଶନ ସମୟରେ ଶଶାଙ୍କ ପୁରୋହିତ, ବି. ଭାସ୍କର ରାଓ, ମନୋରଞ୍ଜନ ବାଣୁଆ, ବିଜୟ ପଣ୍ଡା ସମେତ ସ୍ଥାନୀୟ ଅଞ୍ଚଳର ଲୋକେ ଉପସ୍ଥିତ ରହିଥିଲେ।

## ଲୋକକଳା, ଲୋକ ସଂସ୍କୃତିରେ କମ୍ପିଲା ପାରବା ମଞ୍ଚ



ଭବାନୀପାଟଣା,୧୭ ।୧(ସମିସ): ୨୭ତମ କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୫' ଅବସରରେ ଲୋକ କଳା ଓ ଲୋକ ସଂସ୍କୃତିରେ ପାରବା ମଞ୍ଚ କମ୍ପିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମି ଉଠିଥିଲେ। ଜିଲ୍ଲା ଓ ରାଜ୍ୟ ତଥା ରାଜ୍ୟ ବାହାରର ବହୁ କଳାକାରଙ୍କ କଳା ପ୍ରଦର୍ଶନରେ ପିଲାଠାରୁ ବୁଢା ସଭିଏଁ ଉଲ୍ଲସିତ ହୋଇଉଠିଥିଲେ। ଅତିଥି ଭାବେ ପ୍ରଭାସ ଚନ୍ଦ୍ର ମିଶ୍ର ଓ ସଙ୍ଗୀତା ପଣ୍ଡା ଯୋଗ ଦେଇଥିଲେ। ପ୍ରଗତି ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରେ ରାଜସ୍ଥାନର ମାଂନିହାର୍ ଓ କାଲ୍‌ବେଲିଆ, ଟୁନି ଡ୍ୟାନ୍ସ ଗ୍ରୁପ, ମୟୁରୀଡ୍ୟାନ୍ସ ଗ୍ରୁପ, କିଶୋର ଡ୍ୟାନ୍ସ ଗ୍ରୁପ, ପ୍ରଗତିର ସମ୍ବଲପୁରୀ, ବଜାଶାଲ, ଅଟାଙ୍ଗଗୁଡା, ନୃତ୍ୟ ରସିକା ଡ୍ୟାନ୍ସ ଗ୍ରୁପ, ଟ୍ରାଇବାଲ ଡ୍ୟାନ୍ସ ଏକାଡେମୀ, ଏକାଡେମିକ ହାଇସ୍କୁଲ, ମା ମଙ୍ଗଳା ଡ୍ୟାନ୍ସ ଗ୍ରୁପ, କିଣ୍ଡର ଗାର୍ଡେନ୍, ରୁପ୍ରାରୋଡ଼ ହାଇସ୍କୁଲ, କଳାହାଣ୍ଡି କଳା କେନ୍ଦ୍ର, ନଟରାଜ ସାଂସ୍କୃତିକ ପରିଷଦ, ଲାଞ୍ଜିଗଡ ବ୍ଲକର ଖଞ୍ଜଣୀ ଭଜନ ପ୍ରଭୃତି ପ୍ରଦର୍ଶିତ ହୋଇଥିଲା। ସୁଦୀକ୍ଷା ମିଶ୍ର, ଇପ୍‌ସିତା ନାଗ, ହଂସିକା ଧଙ୍ଗଡାମାଝୀ, ଆଦର୍ଶିନୀ ସାହୁ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ରିୟାଜ ଖାନ୍, ହେମନ୍ତ ସାହୁ, ଆଶୁତୋଷ ପୁରୋହିତ, ଧନଞ୍ଜୟ ପଣ୍ଡା, ସୌରଭ ମହାପାତ୍ର, ବନଶ୍ରୀ ଦାଶ, ଶିବଶକ୍ତି ପୁରୋହିତ, ଆକାଶ ମୁଣ୍ଡ ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ।

## ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ଭବାନୀପାଟଣା,୧୭ ।୧(ସମିସ): ୨୭ତମ କଳାହାଣ୍ଡି ଉତ୍ସବ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଖୋଲା ମଞ୍ଚରେ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ଆରତୀ ପୃଷ୍ଟି, ବୀଣାପାଣି ବଗର୍ତ୍ତି, ଜୟନ୍ତୀ ସିଂହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇପ୍ସିତା ପଣ୍ଡା, ମମତା ତ୍ରିପାଠୀ, ମିନତୀ ବେହେରା ବିଚାରକ ଦାୟିତ୍ୱ ତୁଲାଇଥିଲେ। ଭଜନରେ ସଙ୍ଗୀତା ରଥ, ମଧୁଛନ୍ଦା ମହାନ୍ତି, ଆନନ୍ଦିତା ଠାକୁର ପ୍ରଥମ, ଦ୍ୱତୀୟ ଓ ତୃତୀୟ ହୋଇଥିଲେ। ସସ୍ମିତା ରଥ, ସସ୍ମିତା ମହାନ୍ତି ନମିତା ମିଶ୍ର ବିଚାରକ ଥିଲେ। ମେହେନ୍ଦିରେ ବୀଣାପାଣି ବଗର୍ତ୍ତା, ରଞ୍ଜିତା ମିଶ୍ର, ସନ୍ଧ୍ୟାରାଣୀ ଗଡତିଆ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏବଂ ସୁଲୋଚନା ପାଢ଼ୀ, ମିନତୀ ବେହେରା, ମମତା ତ୍ରିପାଠୀ ବିଚାରକ ଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସ୍ୱାତୀ ସ୍ୱରୂପା ସାହୁ, ସରିତା ରାଣୀ ରଥ, ଇତିଶ୍ରୀ ପାତ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଜାହ୍ନବୀ ସାହୁ, ଛନ୍ଦିତା ଦାସ, ମମତା ତ୍ରିପାଠୀ ବିଚାରକ ଥିଲେ। ସେହିପରି ର୍ୟାମ୍ପ ଶୋ' ପ୍ରମୁଖ ଆକର୍ଷଣ ସାଜିଥିଲା। ବିକାଶ ସ୍କୁଲର ଏକାଡେମିକ ମୁଖ୍ୟ ବିଜୟା ଦିଶାରୀ, ସମ୍ମାନିତ ଅତିଥି ଭାବେ ଡା. ନିବେଦିତା ସାହୁ, ଶିକ୍ଷାବିତ ସବିତା ପଟନାୟକ, ବବିତା ପାଣିଗ୍ରାହୀ, ସଂଘମିତ୍ରା କାନୁନଗୋ, ମନୀଷା ପ୍ରିୟମ୍ବଦା ପ୍ରମୁଖ ମଞ୍ଚାସୀନ ଥିଲେ। ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ପ୍ରଫେସର ଡ. ପ୍ରିୟା ଶଶିଧରନ, ସୁବେଦିତା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ଉପସମିତିର ଅଧକ୍ଷା ଜ୍ୟୋତିରାଣୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାକୁ ସମିତିର ସମସ୍ତ ସଦସ୍ୟା ପରିଚାଳନା କରିଥିଲେ।

### ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ

# 'କଳାହାଣ୍ଡିର କଳାସଂସ୍କୃତି ଓ ପରମ୍ପରା ସର୍ବୋତ୍ତମ'



ଧର୍ମଗଡ଼,୧୭ ।୧(ସମିସ)

କଳାହାଣ୍ଡି ଉତ୍ସବ 'ଘୁମୁରା'ରେ ସ୍ଥାନୀୟ କଳା ସଂସ୍କୃତି ସହ ଅନ୍ୟ ରାଜ୍ୟର କଳା ଦେଖିବାର ଏକ ସୁଯୋଗ ମିଳିଥାଏ। କଳାହାଣ୍ଡିର କଳା ସଂସ୍କୃତି ଓ ପରମ୍ପରା ସର୍ବୋତ୍ତମ। ଭାରତ ବର୍ଷର ସଂସ୍କୃତି ପରମ୍ପରାକୁ ଋଦ୍ଧିମନ୍ତ କରିବାରେ କଳାହାଣ୍ଡିର ଭୂମିକା ଅତୁଳନୀୟ। କଳା ସଂସ୍କୃତି ଓ ପରମ୍ପରାର ମହାକୁମ୍ଭ "କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫'ର ତୃତୀୟ ସନ୍ଧ୍ୟା ତଥା ଉଦ୍‌ଯାପନୀ ପର୍ବରେ ଏହି ମତ ପ୍ରକାଶ ପାଇଛି। ମୁଖ୍ୟଅତିଥି ଭାବେ କ୍ରୀଡା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କଳାଝରଣ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଧୀମାନ ଚକମା ଅଧକ୍ଷତା କରିଥିଲେ। ଭବାନୀପାଟଣାର ମାଲହର, ଫୋକ ଡ୍ୟାନ୍ସ, ସୁହାଗପୁରର ବଜାସାଲ, ଝାରଖଣ୍ଡର ମୟୂରୀ, ଖୋର୍ଦ୍ଧାର ପାଇକ ଆଖଡା, ହରିୟାଣାର ଫଗ ଡ୍ୟାନ୍ସ, ପଞ୍ଜାବର ଭଙ୍ଗଡ଼ା ପ୍ରଦର୍ଶିତ ହୋଇଥିଲା। କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଗୀତରେ ଦର୍ଶକ ମତୁଆଲା ହୋଇଥିଲେ।

### ● ଦଳୀୟ କର୍ମୀ ଓ ପୁଲିସ କଥା କଟାକଟି

ମନ୍ତ୍ରୀଙ୍କ ସାଙ୍ଗରେ ଥିବା ଦଳୀୟ କର୍ମୀ ଡି-ଏରିଆରେ ବସିବା ପାଇଁ ଉଚ୍ଛନ ଥିବା ବେଳେ ପୁଲିସ କର୍ମୀ ବାରଣ କରିଥିଲେ। ଏହାଫଳରେ ଦଳୀୟ କର୍ମୀ ଓ ପୁଲିସ ମଧ୍ୟରେ ବହୁତ ସମୟ ଧରି କଥା କଟାକଟି ପରିସ୍ଥିତି ସୃଷ୍ଟି ହୋଇଥିଲା।

### ● ରାଗିଗଲେ ଜିଲ୍ଲାପାଳ

ମଞ୍ଚ ସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଚୌକି ପଡିଥିବା ବେଳେ ସାଧାରଣ ଲୋକେ ଚୌକି ଅକ୍ତିଆର କରି ବସିପଡ଼ିଥିଲେ। ସାମ୍ବାଦିକମାନେ ଏକଜୁଟ ହୋଇ ଛିଡା ହେବା ଦେଖି ଜିଲ୍ଲାପାଳ ବିରକ୍ତି ପ୍ରକାଶ କରିଥିଲେ। ଏହାପରେ ତୁରନ୍ତ ସେ ସାଧାରଣ ଲୋକଙ୍କୁ ଉଠାଇବା ପାଇଁ ନିର୍ଦ୍ଦେଶ ଦେବାସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆସନ ବ୍ୟବସ୍ଥା କରାଇଥିଲେ।

### ● ମନ୍ତ୍ରୀଙ୍କ ପାଇଁ ବିଶୃଙ୍ଖଳା

ଶେଷ ଦିନରେ ମିନାବଜାରର ବହୁତ ଭିଡ ପରିଲିକ୍ଷିତ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ପୁଲିସ ଫୋର୍ସ ମୁତୟନ ହେବା ପରିବର୍ତ୍ତେ ମନ୍ତ୍ରୀଙ୍କ ଆଗମନ ପାଇଁ ସମସ୍ତେ ମଞ୍ଚ ପାଖରେ ରହିଲେ। ଏହାଫଳରେ ମିନାବଜାରରେ ଅନେକ ପ୍ରକାରର ଅସୁବିଧା ଦେଖିବାକୁ ମିଳିଥିଲା।

### ● ଏନଏସି ପ୍ରତିନିଧିଙ୍କୁ ଅଣଦେଖା

ଏଥର ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର କୌଣସି ଜନପ୍ରତିନିଧିଙ୍କୁ ମଞ୍ଚରେ ବସିବାକୁ ସୁଯୋଗ ଦିଆଗଲା ନାହିଁ। ଏପରିକି ସୌଜନ୍ୟତା ଦୃଷ୍ଟିରୁ ନିମନ୍ତ୍ରଣ ପତ୍ରଟିଏ ମଧ୍ୟ ମିଳିଲାନି। କାଉନସିଲରଙ୍କୁ ପାସ୍ ମଧ୍ୟ ଦିଆଗଲା ନାହିଁ।

### ନିମନ୍ତ୍ରିତ ଅତିଥିଙ୍କୁ ଅସମ୍ମାନ

କମିଟି ନିମନ୍ତ୍ରଣ ରକ୍ଷା କରି ଅତିଥିଗଣ ଉତ୍ସବକୁ ଆସିଥିଲେ। ଯେଉଁ ସମୟ ଦିଆଯାଇଥିଲା ସେହି ସମୟରେ ଉପସ୍ଥିତ ହୋଇ ଷ୍ଟେଜ ସାମ୍ନାରେ ଥିବା ଚଉକିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କଲେ। ଅପେକ୍ଷାର ଦୀର୍ଘ ୩ ଘଣ୍ଟା ପରେ ସେମାନଙ୍କୁ ମଞ୍ଚକୁ ଡକା ହେଲା। ଉତ୍ସବର ଦ୍ୱତୀୟ ଦିନରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। କୌଣସି ଅତିଥି ନ ମିଳିବାରୁ ୨ ଜଣ ବ୍ଲକ୍ ଅଧକ୍ଷଙ୍କୁ ନିମନ୍ତ୍ରଣ କରା ଯାଇଥିଲା। ନିମନ୍ତ୍ରଣ ରକ୍ଷା କରି ଗୋଲାମୁଣ୍ଡା ଓ ଧର୍ମଗଡ ବ୍ଲକ୍ ଅଧକ୍ଷ ଉପସ୍ଥିତ ହୋଇ ମଞ୍ଚର ଗାରିମା ବଢେଇଥିଲେ। ତେବେ ସେମାନଙ୍କୁ ବହୁ ସମୟ ଧରି ଷ୍ଟେଜ ସାମ୍ନାରେ ବସି ରହିବାକୁ ପଡିଥିଲା।

### ପୁଲିସ ଅଧିକାରୀଙ୍କୁ ନେଇ ସାମ୍ବାଦିକ ଖପ୍ପା

ଜଣେ ବରିଷ୍ଠ ପୁଲିସ ଅଧିକାରୀ ଜଣେ ଟିଭି ଚ୍ୟାନେଲର ସାମ୍ବାଦିକଙ୍କୁ ଭିଡିଓ ଉତ୍ତୋଳନ କରିବା ପାଇଁ ଡି-ଜୋନକୁ ଯିବା ପାଇଁ ରୋକଠୋକ ବାରଣ କରିଦେଇଥିଲେ। ଏହାଫଳରେ ଘଟଣାସ୍ଥଳରେ ଉକ୍ତ ପୁଲିସ ଅଧିକାରୀଙ୍କୁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡିଥିଲା। ଶେଷରେ ଧର୍ମଗଡ଼ ଏସଡିପିଓ ମନୋଜ ବେହେରା ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ସକାଳ THE SAKALA



## ମନମୁଣ୍ଡା ଡାକ୍ତରଖାନାରେ କାୟାକଳ୍ପ ପ୍ରତିନିଧି ଦଳ



ମନମୁଣ୍ଡା,୧୭ ।୧(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍ ପହଞ୍ଚି ମୂଲ୍ୟାଙ୍କନ କରିଛି। ଜନସାଧାରଣଙ୍କୁ ମନମୁଣ୍ଡା ଏହି ଡାକ୍ତରଖାନା ତରଫରୁ ଯେଉଁ ସୁବିଧା ପ୍ରଦାନ କରାଯାଉଛି ତାହାର ମୂଲ୍ୟାଙ୍କନ କରାଯାଇଛି। ଡାକ୍ତର ସନ୍ତୋଷ ବେହେରା, ଡାକ୍ତର ସୂର୍ଯ୍ୟ ପ୍ରକାଶ, ସରୋଜ ପାଣିଗ୍ରାହୀ ଏହି ମୂଲ୍ୟାଙ୍କନ ଲାଗି ପହଞ୍ଚିଥିଲେ। ଡାକ୍ତର ମହେନ୍ଦ୍ର ସଏଙ୍କ ନେତୃତ୍ୱରେ ଏହି ଟିମ୍‌କୁ ସ୍ୱାଗତ କରାଯାଇଥିଲା। ଏହି ଟିମ୍ ପ୍ରଥମେ ଡାକ୍ତରଖାନାର ପାଚେରୀ ବାହାର ପରିବେଶ, କାନ୍ଥ ଛବି ଇତ୍ୟାଦି ଦେଖିବା ସହ ପରିସର ଭିତରର ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଜନିତ ସଚେତନତା ବୋର୍ଡ, ହୋର୍ଡିଂ ଇତ୍ୟାଦି ଦେଖିଥିଲେ। ପରେ ଆଇପିଡି, ଓପିଡି, ଔଷଧ ବିତରଣ କେନ୍ଦ୍ର, ରକ୍ତ ପରୀକ୍ଷାଗାର, ଲେବର ରୁମ୍, ଷ୍ଟାଫ୍ ନର୍ସ ରୁମ୍ ଇତ୍ୟାଦି ଦେଖିଥିଲେ। ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ୱାର୍ଡରେ ଥିବା ରୋଗୀଙ୍କ ସହ ଆଲୋଚନା କରି ମାଗଣା ଔଷଧ, ସ୍ୱାସ୍ଥ୍ୟ ସେବା କିପରି ମିଳୁଛି, ଡାକ୍ତର, କର୍ମଚାରୀଙ୍କ ବ୍ୟବହାର ଇତ୍ୟାଦି ଅନେକ ବିଷୟ ଉପରେ ପଚାରି ବୁଝିଥିଲେ। ଶୌଚାଳୟ ମଧ୍ୟ ବୁଲି ଦେଖିଥିଲେ। ଡାକ୍ତର ମାନସ ତ୍ରିପାଠୀ, ଡାକ୍ତର ଦିବ୍ୟଜ୍ୟୋତି ବିଶ୍ୱାଳ, ଡାକ୍ତର ଅଙ୍କିତ ଆରୁଜିତ ପ୍ରଧାନ, ଡାକ୍ତର ଦେବଶ୍ରୀ ମହାନ୍ତି, ଡାକ୍ତର ବେଲାରାଣି ପ୍ରିୟଦର୍ଶିନୀ, ଡାକ୍ତର ଶୈଳବାଳା ବିନ୍ଧାଣି, ଡାକ୍ତର କଳ୍ପନା ମିଶ୍ର, ଫାର୍ମାସିଷ୍ଟ ବେଦବ୍ୟାସ ଡାଙ୍ଗ, ଯୁ ନିଲାଞ୍ଚଲ୍ ପାତ୍ର, ସୁଦର୍ଶନ ପ୍ରଧାନ, ହୃଷୀକେଶ ଭୋଇ, ମାନସ ପଟ୍ଟନାୟକ, ଅର୍ଚ୍ଚନା କୁମାରୀ ଦାସ ମହାପାତ୍ର, ରାକେଶ ମହାପାତ୍ର ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।

## ପଲଶାଗୋରା କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

ପଲଶାଗୋରା,୧୭ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବିଦ୍ୟାଳୟଅଧ୍ୟକ୍ଷ ଡ. ସୁରେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟର ଅଧ୍ୟାପକ ବିଶେଶ୍ୱର ପାଣିଗ୍ରାହୀ, ଅଧ୍ୟାପିକା ସୁଶ୍ରୀ କବିତା ପୋଢ଼, ସୁଶ୍ରୀ ଦେବସ୍ମିତା ମହାପାତ୍ର, ଗ୍ରନ୍ଥାଗାରିକ କୈଳାଶ ବାରିକ ମଞ୍ଚାସୀନ ଥିଲେ। କ୍ରୀଡା ଶିକ୍ଷକ ନାରାୟଣ ପ୍ରଧାନ ଶିବିର ପରିଚାଳନା କରୁଛନ୍ତି। ଯୁକ୍ତ ଦୁଇ ପ୍ରଥମ ବର୍ଷର ୧୦୯ ଜଣ ଛାତ୍ରୀ ୩ଟି ପର୍ଯ୍ୟାୟରେ ୭ ଦିନ ଧରି ତାଲିମ ଗ୍ରହଣ କରିବେ। ଶିବିରରେ ତାଲିମଦାତା ଭାବେ ସୁଶ୍ରୀ ଅନିତା ଅମାତ ତାଲିମ ପ୍ରଦାନ କରୁଛନ୍ତି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବାଉଁଶୁଣି,୧୭ ।୧(ସମିସ): ସ୍ଥାନୀୟ ମା' ମାହେଶ୍ୱରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। +୨ ଦ୍ୱିତୀୟ ବର୍ଷ କଳା ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅଧ୍ୟାପିକା ଅନିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ହରଭଙ୍ଗା ବ୍ଲକ୍ ଉପାଧ୍ୟକ୍ଷଙ୍କ ମା'ଙ୍କ ନାଁରେ ପ୍ରଧାନମନ୍ତ୍ରୀ ଆବାସ

# 'ତୁରନ୍ତ ତଦନ୍ତ ସହ ପଦକ୍ଷେପ ନିଅ'

ଚାରିଛକ,୧୭ ।୧(ସମିସ): ପ୍ରକୃତ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେଉଛି; ହେଲେ ଦୁର୍ନୀତିମୁକ୍ତ ଶାସନର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ବିଜେପି କିଭଳି ଦୁର୍ନୀତିରେ ଜଡିତ ତାହାର ପ୍ରମାଣ ମିଳିଛି। ହରଭଙ୍ଗା ମଣ୍ଡଳ ସଭାପତି ତଥା ହରଭଙ୍ଗା ବ୍ଲକ୍ ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ ଚଞ୍ଚକତା କରି ନିଜ କ୍ଷମତାର ଅପପ୍ରୟୋଗ କରିଛନ୍ତି। କିଛି ଅସାଧୁ ସରକାରୀ କର୍ମଚାରୀଙ୍କୁ ହତବାରିସୀ କରି ସେ ନିଜ ମା' ପୁଷ୍ପଲତା ନାଥଙ୍କ ନାମକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିଛନ୍ତି। ନଭେମ୍ବର ୮ରେ ପ୍ରଥମ କିସ୍ତି ଟଙ୍କା ପାଇସାରିଛନ୍ତି। ଏ ସମ୍ପର୍କରେ ଅଞ୍ଚଳବାସୀ ନଭେମ୍ବର ୨୧ରେ ହରଭଙ୍ଗା ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ଯାବତ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଏହା ଆଶ୍ଚର୍ଯ୍ୟ କରିଛି। ଏହାକୁ ନେଇ ଶୁକ୍ରବାର ବିଜୁ ଜନତା ଦଳ ଜିଲ୍ଲାପାଳ ସୁବ୍ରତ ପଣ୍ଡାଙ୍କ ଦ୍ୱାରସ୍ଥ ହୋଇଛି। ଦଳର ଯୁବନେତା ଅବକାଶ ସାହୁ, ସଞ୍ଜୟ ଦେହୁରୀ, ଟୁକୁନା ପ୍ରଧାନ, ଅର୍ଜୁନ ସାହୁ, ଜୟନ୍ତ ଦେହୁରୀ ପ୍ରମୁଖ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ହରଭଙ୍ଗା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ନେଇ ପୂର୍ବରୁ ତତ୍କାଳୀନ ବିଡ଼ିଓ ରବୀନ୍ଦ୍ର ଶତପଥୀ ଏବଂ ଗ୍ରାମ ରୋଜଗାର ସେବକ କ୍ଷୀରୋଦ ମହାପାତ୍ର ନିଲମ୍ବିନ ହୋଇ ସାରିଛନ୍ତି। ଏହାପରେ ମଧ୍ୟ ପରେ କିଭଳି ହରଭଙ୍ଗା ବ୍ଲକ କର୍ତ୍ତୃପକ୍ଷ ଏଭଳି ଅନିୟମିତତା କରିବାର ଦୁଃସାହସ କରୁଛନ୍ତି ଏହା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ହିତାଧିକାରୀ ପୁଷ୍ପଲତା ନାଥଙ୍କ ସ୍ୱାମୀ ସ୍ୱର୍ଗତ ପ୍ରଫୁଲ୍ଲ ନାଥ ଶିକ୍ଷକ ଥିଲେ। ପୁଷ୍ପଲତା ଓ ପ୍ରଫୁଲ୍ଲ ଙ୍କ ଏକମାତ୍ର ସନ୍ତାନ ହେଉଛନ୍ତି ବ୍ଲକ ଉପାଧ୍ୟକ୍ଷ। କାହ୍ନୁଚରଣଙ୍କ ପତ୍ନୀ ରୀନାରାଣୀ ପଣ୍ଡାଙ୍କ ନାମରେ ଏକ ଜେସିବି ଗାଡି ମଧ୍ୟ ଅଛି। କାହ୍ନୁଚରଣ ଓ ତାଙ୍କ ମା' ରହୁଥିବା କୋଠାଘରର ଜମି ପଟ୍ଟା ମା' ପୁଷ୍ପଲତା ନାଥଙ୍କ ନାମରେ ଅଛି। ଭୋଟର ତାଲିକାରେ ପୁଷ୍ପଲତା ନାଥ, କାହ୍ନୁଚରଣ ନାଥ, ରୀନାରାଣୀ ପଣ୍ଡା ସମସ୍ତଙ୍କ ଘର ନମ୍ବର ୧୪୬ ବୋଲି ଉଲ୍ଲେଖ ରହିଛି। ଏତେ ସବୁ ପ୍ରମାଣ ଥାଇ ମଧ୍ୟ ତାଙ୍କ ମା'ଙ୍କ ନାମରେ ଘର ଆସିବା ଏବଂ ତାଙ୍କ ଇଣ୍ଡିଆନ ବ୍ୟାଙ୍କ ଜମା ଖାତାକୁ ପଇସା ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ଭଳି ଏହି ଘଟଣା ରାଜ୍ୟର ବିଜେପି ସରକାରଙ୍କ ଅସଲ ଚେହେରା ପ୍ରଦର୍ଶନ କରୁଛି। ତେବେ ୧୫ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମିତ୍ତ ସିଡିଓ ପ୍ରଭାସ ଦଣ୍ଡସେନାଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ଜିଲ୍ଲାପାଳଙ୍କୁ ଭେଟିଲେ ବିଜେଡି ନେତୃମଣ୍ଡଳୀ



## ଉପାନ୍ତ ଅଞ୍ଚଳ ମାତାଗାଡୁ ଓ କମାରକାଡୁରେ ଜିଲ୍ଲାପାଳ



ବୌଦ୍ଧ,୧୭ ।୧(ସମିସ): ବୌଦ୍ଧ ଜିଲ୍ଲାର ଉପାନ୍ତ ଅଞ୍ଚଳ ମାତାଗଡୁ ଏବଂ କମାରକାଡୁ ଗାଁରେ ପାହାଡ଼ ଚଢି ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଏକ ଟିମ୍ ସହ ପହଞ୍ଚିଛନ୍ତି। ଜିଲ୍ଲାର ସଦର ବ୍ଲକ ଆମ୍ବାଝରି ପଞ୍ଚାୟତର ଏହି ଗ୍ରାମରେ ଅଚାନକ ପହଞ୍ଚିଥିବା ଜିଲ୍ଲାପାଳଙ୍କୁ ଦେଖି ଗାଁ ଲୋକ ଆଶ୍ଚର୍ଯ୍ୟ ହେବା ସହ ସ୍ୱାଗତ କରିଥିଲେ। ସେଠାରେ ପହଞ୍ଚି ଗ୍ରାମରେ ଥିବା ମୌଳିକ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ସେ ଆଲୋଚନା କରିଥିଲେ। ବୃଦ୍ଧ ବୃଦ୍ଧା ତଥା ଅସହାୟଙ୍କୁ ଭତ୍ତା ଓ କମଳ ବର୍ଣ୍ଟନ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ସହାୟତା ପାଇଁ ପ୍ରତିଶ୍ରୁତି ଦେବା ସହ ଲୋକଙ୍କ ପାଖରେ ବସି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ପାନୀୟ ଜଳ ସମସ୍ୟାର ତ୍ୱରିତ ସମାଧାନ କରିବା ସହ ସୁଭଦ୍ରା ଯୋଜନା ପାଇଁ ମହିଳାମାନଙ୍କୁ ସଚେତନ କରିଥିଲେ। ରାସନ କାର୍ଡ ତାଲିକାରୁ ବାଦ ପଡ଼ିଥିବା ହିତାଧିକାରୀଙ୍କ ନାମ ସଂଯୋଗୀକରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂଆ ସର୍ଭେରେ ସାମିଲ ହେବା, ସ୍ୱଚ୍ଛ ଭାରତ ମିଶନରେ ହିତାଧିକାରୀଙ୍କୁ ସାମିଲ ହେବା ପାଇଁ ସଚେତନ କରିବା ସହ ଗ୍ରାମବାସୀଙ୍କ ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ। କମାରକାଡୁରେ ନୂଆ ଅଙ୍ଗନବାଡି କେନ୍ଦ୍ର ପାଇଁ ଶୁଭ ଦେଇଥିଲେ। ପରେ ସାଲେପଡା, ଦମଣ୍ଡା, କଲରାଝୁଲି, ଦୀନବନ୍ଧୁପୁର ଆଦି ଗସ୍ତ କରି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଜିଆଖତ, ଛତୁଘର, ଛତୁ ଫାର୍ମ ଆଦି ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ସମେତ ଅନ୍ୟାନ୍ୟ ବ୍ଲକ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଞ୍ଚଳର ଧର୍ମୁ ପୋଢ଼ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରସିଦ୍ଧ ପଲଶାଗୋରା ମକରମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ



ପଲଶାଗୋରା,୧୭ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାର ପ୍ରସିଦ୍ଧ ମକରମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଚବିଶ ପ୍ରହର ନମଯଜ୍ଞରେ ୫୦ରୁ ଅଧିକ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। କମିଟି ସଭାପତି ରବୀନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ପୂର୍ବତନ ବିଧାୟକ ମହୀଧର ରଣା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ କମିଟି ତରଫରୁ କଳାକାର ଅଚ୍ୟୁତ ଖମାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଚ୍ୟୁତ ଖମାରୀ ସଂଯୋଜନା କରିଥିଲେ। ବରଗଡ଼ ଜିଲ୍ଲାର କଳାଜୀବୀ ସାଂସ୍କୃତିକ ଅନୁଷ୍ଠାନ କଳାକାର, ଖୁର୍ଦ୍ଧା ମାଁ ମଙ୍ଗଳା ଭାରତ ଲୀଳାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଭାପତି ରବୀନ୍ଦ୍ର ପ୍ରଧାନ, ଗୌର ପ୍ରଧାନ, ପଞ୍ଚାନନ ଖମାରୀ, ନବୀନ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ



ମନମୁଣ୍ଡା,୧୭ ।୧(ସମିସ): ମନମୁଣ୍ଡା ଗଙ୍ଗାଧର ମେହେର (ଭୁଲିଆ) ପଡାରେ ଗତ ୧୫ ତାରିଖରୁ ଅନୁଷ୍ଠିତ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ ଉପଲକ୍ଷେ ଶୁକ୍ରବାର ଶ୍ରୀରାମ ଓ ସୀତାଙ୍କ ବିବହା ସମ୍ପନ୍ନ ହୋଇଛି। ବ୍ରାହ୍ମଣ ଜ୍ୟୋତିରଂଜନ ପଣ୍ଡା, ଶ୍ରୀରାମଙ୍କ ପିତା ଭାବେ ଦେଶିଆ ମେହେର ଏବଂ ମାତା ସୀତାଙ୍କ ପିତା ଭାବେ ଜିତେନ୍ଦ୍ର ମେହେର ଦାୟିତ୍ୱ ନିର୍ବାହ କରିଥିଲେ। କୁନି କୁନି ପିଲା ଶ୍ରୀରାମ ଓ ସୀତାଙ୍କ ବେଶରେ ସଜ୍ଜିତ ହୋଇଥିଲେ। ଏକ ସୁସଜ୍ଜିତ ଗାଡ଼ିରେ ବସି ସହରରେ ହୋଇଥିବା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବ୍ୟାସ ଭାବେ ବୁରୋମୁଣ୍ଡା (ଚନ୍ଦନଭାଟି)ର ନାରାୟଣ ଓଝା ପୁରାଣ ଗାୟନ କରୁଛନ୍ତି। ୨୩ ତାରିଖରେ ଏହି କାର୍ଯ୍ୟକ୍ରମ ଉଦଯାପିତ ହେବ।

### ରାଜ୍ୟସ୍ତରୀୟ ତିଲେଶ୍ୱର ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ କଟକ ମଙ୍ଗଳ କ୍ଲବ୍



ଚାରିଛକ,୧୭ ।୧(ସମିସ): ହରଭଙ୍ଗା ବ୍ଲକ୍ ତିଲେଶ୍ୱର ହାଇସ୍କୁଲ ଖେଳପଡିଆରେ ବଜାର ଆସୋସିଏସନ ପକ୍ଷରୁ ୨୧ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମି ଫାଇନାଲ ମ୍ୟାଚ୍ ବରଗଡ଼ ୟୁନାଇଟେଡ୍ ଓ କଟକ ମଙ୍ଗଳ କ୍ଲବ୍ ମଧ୍ୟରେ ରୋମାଞ୍ଚକର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଖେଳର ଶେଷ ସୁଦ୍ଧା କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଶେଷରେ ଖେଳ ଟାଇବେକର ଜରିଆରେ ଅନୁଷ୍ଠିତ ହେଇଥିଲା। ମଙ୍ଗଳ କ୍ଲବ୍ ବିଜୟ ଲାଭ କରି ଫାଇନାଲ୍‌ରେ ପହଞ୍ଚିଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସାଦ ଦାସ୍, ସ୍ୱତନ୍ତ୍ର ଅତିଥି ଭାବେ ସରସରା ପଞ୍ଚାୟତ ହରି ନାୟକ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସମିତି ସଭ୍ୟ ତରଣୀ ବାରିକ୍, ଶାମ୍ପୁଟ ସରପଞ୍ଚ କଲ୍ୟାଣୀ ପ୍ରଧାନ, ଆସୋସିଏସନର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ପ୍ରଧାନ, ସଭାପତି ଅର୍ଜୁନ ପ୍ରଧାନ ଓ ସମ୍ପାଦକ ମହେଶ୍ୱର ମହାପାତ୍ର ମଞ୍ଚାସୀନ ଥିଲେ। ଖେଳକୁ ମୁଖ୍ୟ ରେଫରି ଭାବରେ ଲଖନ୍ ସେଟ୍ ପରିଚାଳନା କରିଥଲେ। ଲାଇନ୍ସରେ ଦିଲୀପ ରାଉତ, ସଲିଲ ବେହେରା ଓ ଚତୁର୍ଥ ରେଫରି ଭାବେ ପାପୁନ୍ ବେହେରା ଦାୟିତ୍ୱ ତୁଲାଇଥିଲେ। ସିମ୍ପୁନ ନାଏକଙ୍କ ଦ୍ୱାରା ଖେଳର ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ, ପ୍ରବୀଣ ବେହେରା, ଟିନୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଲଛିପୁର କଲେଜରେ ଯୁବ ଦିବସ ପାଳିତ

ଲଛିପୁର,୧୭।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୟୁଥ୍ ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ୍ ଦ୍ୱାରା ଯୁବ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଂରାଜୀ ଅଧ୍ୟାପିକା ପିଙ୍କି ଦାଶ, ସମ୍ମାନିତ ଅତିଥିଭାବେ କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ସାହୁ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀ ଶିଖା, କରିସ୍ମା, ଭାଗ୍ୟସିନୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ଛାତ୍ରୀ ପ୍ରୀତି ମହାକୁଡ଼ ସ୍ୱାଗତ ଭାଷଣ, ବର୍ଷା ବେହେରା ଯୁବ ଦିବସର ଲକ୍ଷ୍ୟ ସମ୍ବନ୍ଧେ ଆଲୋକପାତ କରିଥିଲେ। କାଉନସେଲର ଆର୍ତ୍ତତ୍ରାଣ ଦାଶ ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ଚିକିତ୍ସା ପାଇଁ କଣ୍ଟାମାଳ ବ୍ଲକ୍‌ରୁ ହାୱଡ଼ା ଗଲେ ୧୨ ଶିଶୁ



ଶଗଡା, ୧୭।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରୁ ୫ଜଣ ଶିଶୁଙ୍କ ସମେତ ସମୁଦାୟ ୧୨ ଜଣ ଶିଶଙ୍କୁ ଉଚ୍ଚ ଚିକିତ୍ସା ପାଇଁ ହାଓଡା ପଠାଯାଇଛି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଏମାନେ ସେଠାରେ ଚିକିତ୍ସିତ ହେବେ। ଗ୍ରହଣ ଖଣ୍ଡିଆ, ଗୋଡ଼ ବଙ୍କା, ଶ୍ରବଣ ଜନିତ ଅସୁବିଧା, ହୃଦରୋଗ, ଚକ୍ଷୁ ସମସ୍ୟା, ଶିଶୁଙ୍କ ବିକାଶ ଜନିତ ବିଭିନ୍ନ ସମସ୍ୟା ଆଦି ରୋଗର ଉଚ୍ଚ ଚିକିତ୍ସା ପାଇଁ ଏମାନଙ୍କୁ ହାଓଡା ପଠା ଯାଇଛି। ଫାର୍ମାସିଷ୍ଟ କିଶୋର ମେହେର ଓ ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ କଣ୍ଟାମାଳ ଅଞ୍ଚଳର ୫ଜଣ ଶିଶୁ ନିଜ ସମ୍ପର୍କୀୟ ସହ ମନମୁଣ୍ଡା ମେଡିକାଲରୁ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଏକ ଗାଡ଼ି ଯୋଗେ ରେଢାଖୋଲରେ ପହଞ୍ଚିଥିଲେ। ରେଢାଖୋଲରୁ ଟ୍ରେନ ଯୋଗେ ହାଓଡା ଯାଇଛନ୍ତି। ସେଠାରେ ନାରାୟଣ ମଲ୍ଟି ସ୍ପେଶାଲିଟି ହସପିଟାଲରେ ଏମାନେ ଚିକିତ୍ସିତ ହେବେ।

# ଏବେ ସୁଦ୍ଧା ମଣ୍ଡିରୁ ଉଠିନି ଧାନ



ଶଗଡା,୧୭ ।୧ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ବିଭିନ୍ନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଛି। ନିୟମିତ ବ୍ୟବଧାନରେ ଗାଡି ଆସୁନି। ମିଲରଙ୍କ ମନମାନିରେ ଗାଡି ଆସୁଛି। ଏଣୁ ଦିନ ରାତି ଏକ କରି ଭୋକ ଉପାସରେ ଚାଷୀ ଆଣିଥିବା ଧାନ ଜଗି ରହୁଛନ୍ତି। ବୌଦ୍ଧ ଜିଲ୍ଲାରେ ପ୍ରଥମରୁ ବିଭିନ୍ନ ମଣ୍ଡିରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଠିକ୍ ସମୟରେ ମଣ୍ଡିରୁ ଧାନ ଉଠୁ ନ ଥିବା ବେଳେ ଏବେ ବି ବିଭିନ୍ନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡିରହିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ମଣ୍ଡି ଏହାର ଉଦାହରଣ।

ଏହି ମଣ୍ଡି ଚାରି ପଟେ ହଜାର ହଜାର କୁଇଣ୍ଟାଲ ଧାନ ଗଦା ହୋଇଛି। ଦିନ ରାତି ଏକ କରି ଶୀତ କାକର ସହ ଭୋକ ଉପାସରେ ଚାଷୀ ନିଜ ବର୍ଷକର ଆୟ ଚୋରି ହେବା ଚିନ୍ତାରେ ଅନେକ ଦିନ ହେଲା ମଣ୍ଡିରେ ଜଗି ରହୁଛନ୍ତି। ତେବେ ଜିଲ୍ଲାରେ ୪୩୧୨୦ ଜଣ ଚାଷୀ ଧାନ ବିକ୍ରୟ କରିବାକୁ ପଂଜିକୃତ ହୋଇଛନ୍ତି। କାଗଜପତ୍ର ଯାଞ୍ଚ ପରେ ସେମାନଙ୍କ ମଧ୍ୟରୁ ୪୩୧୦୯ ଜଣ ଚାଷୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଚଳିତବର୍ଷ ୧୬,୦୧,୧୮,୫୨୯ କୁଇଣ୍ଟାଲ ଧାନ କ୍ରୟ କରାଯିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଧାନ କ୍ରୟ ପାଇଁ ୬୦ ମଣ୍ଡି ଓ ଅଧିକ ଚାଷୀ ଥିବା ମଣ୍ଡି ଅଞ୍ଚଳରେ ଅତିରିକ୍ତ ଭାବେ ୫ଟି ମଣ୍ଡି ଖୋଲାଯିବାକୁ ଯୋଗାଣ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ଚାଷୀ ଟୋକନ ପାଇ ନିର୍ଦ୍ଧାରିତ ସମୟରେ ମଣ୍ଡିରେ ଧାନ ଆଣି ଗଦା କରୁଛନ୍ତି; କିନ୍ତୁ ନିର୍ଦ୍ଧାରିତ ସମୟ ସୀମାରୁ ଅହେତୁକ ବିଳମ୍ବ ହେବା ସହ ଠିକ ସମୟରେ ମିଲର ଗାଡି ପଠାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ମିଲର ଗୋଟେ ଗୋଟେ ଗାଡି ପଠାଉଥିବା ବେଳେ ଧାନବୁହା କାର୍ଯ୍ୟରେ ନିୟୋଜିତ ଶ୍ରମିକ ୨ ଶହ ଟଙ୍କା ମାଗୁଥିବା ଚାଷୀ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଣ ମନ୍ତ୍ରୀ କଟନୀ ଛଟନୀ ବନ୍ଦ କରିବା ସହ କୌଣସି ଅବ୍ୟବସ୍ଥା ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହୁଥିବା ବେଳେ କଣ୍ଟାମାଳ ବ୍ଲକର ବିଭିନ୍ନ ମଣ୍ଡିରେ ୩ କେଜି ଧାନ କାଟୁଥିବା ଚାଷୀ କହିଛନ୍ତି। ଚାଷୀ ଋଣ କରି ଚାଷ କରିଥିବା ବେଳେ ଧାନ ବିକ୍ରି କରି ସବୁ ଋଣ ପରିଶୋଧ କରିବା ସହ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଉକ୍ତ ଟଙ୍କା ଉପରେ ନିର୍ଭର କରୁଛି; ହେଲେ ଠିକ୍ ସମୟରେ ମିଲର ଗାଡି ପଠାଉ ନ ଥିବାରୁ ଧାନ ଉଠି ପାରୁ ନ ଥିବାରୁ ଚାଷୀ କ'ଣ କରିବ ସେ ନେଇ ଚିନ୍ତାରେ ପଡି ଯାଇଛି। କଣ୍ଟାମାଳ ବିଧାୟକ ଏଫଏକ୍ୟୁ ମାନର ଧାନ ଆଣି ୩୧ ଶହ ଟଙ୍କା ବିନା କଟନୀ ଛଟନୀରେ ଚାଷୀ ବିକ୍ରି କରନ୍ତୁ ବୋଲି କହିଛନ୍ତି।

**ମିଲରଙ୍କ ମନମାନି**
**ନିୟମିତ ଆସୁନି ଗାଡ଼ି**
**ଦିନ ରାତି ଜଗି ରହିଛନ୍ତି ଚାଷୀ**

## ଆତ୍ମସୁରକ୍ଷା ତାଲିମ ଶିବିର

ବୌଦ୍ଧ,୧୭ ।୧(ସମିସ): ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମହିଳା ଆତ୍ମସୁରକ୍ଷା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ପଞ୍ଚାୟତ କଲେଜ ରାଜନୀତି ଅଧ୍ୟାପିକା, ଡ. ସୁଜାତା ସାହୁ ଯୋଗଦେଇ ଚରିତ୍ର ଗଠନ ସହ ଆତ୍ମସୁରକ୍ଷା କୌଶଳ ନାରୀ ସଶକ୍ତିକରଣକୁ ସଫଳ କରେ ବୋଲି ମତ ଦେଇଥିଲେ। ସମ୍ମାନୀତ ଅତିଥି ଉତ୍ତମ ବେହେରା, ପ୍ରଶିକ୍ଷିକା ସନ୍ଧ୍ୟାରାଣୀ ସାହୁ, ପ୍ରୋଗ୍ରାମ ଅଫିସର ଶିବଦତ୍ତ ପଟ୍ଟନାୟକ, ପ୍ରଥମ ବର୍ଷର ଛାତ୍ରୀବୃନ୍ଦ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହଭାଗିତାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



**କଳାହାଣ୍ଡି ଉତ୍ସବ ଘୁମୁରା - ୨୦୨୫ ଉଦ୍‌ଯାପିତ**

# କଳାକାର ଓ କଳାପ୍ରେମୀଙ୍କ ସଂଯୋଗ ହିଁ 'ଘୁମୁରା'






**ଭବାନୀପାଟଣା, ୧୭ ।୧ (ସମିସ):**

ସୃଜନ ମନସ୍କ କଳାକାରଙ୍କ ମଧ୍ୟରେ ବହୁ ଭାଷା, ବହୁ ବର୍ଣ୍ଣ, ବହୁ ଧର୍ମ ଅର୍ଥାତ ବିବିଧତା ଭିତରେ ଏକତାର ମଞ୍ଚ ହିଁ ରେଣ୍ଡୋ ମାଝୀ ଓ ପାରବା ମଞ୍ଚ। ସାମ୍ପ୍ରତିକ ବ୍ୟବସ୍ଥାନୁଯାୟୀ ପ୍ରତୀକ ସାଜି ସଂସ୍କୃତି, ନୃତ୍ୟକଳା, ସଙ୍ଗୀତ, ସାହିତ୍ୟ ସର୍ବୋପରି ସାମାଜିକ, ଅର୍ଥନୈତିକ ଓ କଳାର ସମ୍ଭାରକୁ ଦୀର୍ଘ ୨୭ବର୍ଷ ଧରି ଜୀବିତ ରଖିପାରିଛି ରେଣ୍ଡୋ ମାଝୀ ମଞ୍ଚ। କଳା ଓ କଳାକାରଙ୍କ ମନୋରଞ୍ଜନଧର୍ମୀ ନୃତ୍ୟ ସଙ୍ଗୀତ ଏବଂ ଜିଲ୍ଲାର ଉନ୍ନୟନ ପ୍ରଦର୍ଶନୀର ଯୁଗ୍ମ ଉଦ୍ଦେଶ୍ୟକୁ ଚରିତାର୍ଥ ପାଇଁ କଳାହାଣ୍ଡି ଉତ୍ସବ 'ଘୁମୁରା'ର ପରିକଳ୍ପନା। ଏହି ସଂଯୋଗ ହିଁ ସାଂସ୍କୃତିକ ଜାଗରଣ ଓ ବିକାଶର ଏକ ବଳିଷ୍ଠ ପୃଷ୍ଠଭୂମି। ଅତଏବ କଳାକାର ଓ କଳାପ୍ରେମୀଙ୍କ ସଂଯୋଗ ହିଁ 'ଘୁମୁରା'ବୋଲି କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୫'ର ଉଦ୍‌ଯାପନୀ ସନ୍ଧ୍ୟାରେ ମତ ପ୍ରକାଶ ପାଇଛି।

ଜିଲ୍ଲା ତଥା ଜିଲ୍ଲା ବାହାର ଏପରିକି ରାଜ୍ୟ ବାହାରର ଲୋକେ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ଏହି ମହାକୁମ୍ଭରେ ନିଜକୁ ସାମିଲ କରିଥିଲେ। ମଞ୍ଚ ଉପରେ କଳାକାରମାନେ ନିଜର କଳା ପ୍ରଦର୍ଶନ କରୁଥିଲେ ସତ; କିନ୍ତୁ ସହିଦ ରେଣ୍ଡୋ ମାଝୀ ମଞ୍ଚ ଓ ପାରବା ମଞ୍ଚ ବାହାରେ ବସିଥିବା ଦର୍ଶକ ଯେମିତି ଜଣେ ଜଣେ କଳାକାର ମନନେଇ ପାଦର ନିୟନ୍ତ୍ରଣ ହରାଇ ନାଚୁଥିଲେ ଓ ବିଭୋର ହୋଇପଡୁଥିଲେ। କାର୍ଯ୍ୟକ୍ରମଗୁଡିକ ଏତେ ମନଛୁଆଁ ହୋଇଥିଲା ଯେ, ଅତିଥି, ଦର୍ଶକ ଓ କଳାକାରଙ୍କ ପାଦ ଏକାବେଳକେ ନାଚି ଉଠୁଥିଲା। ସେହିପରି ସତେ ଯେମିତି କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ଅନ୍ତିମ ସାଂସ୍କୃତିକ ସନ୍ଧ୍ୟା ସମସ୍ତଙ୍କ ହୃଦୟରେ ଛାପଟିଏ ଛାଡିଦେଇଗଲା। ହୃଦୟତନ୍ତ୍ରୀକୁ ଚହଲେଇ ଦେଇଗଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କଳାହାଣ୍ଡିର ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ଅତ୍ୟନ୍ତ ସମୃଦ୍ଧ ବୋଲି କହିବା ସହିତ ଜିଲ୍ଲାବାସୀଙ୍କ ଅବଦାନକୁ ସାରା ରାଜ୍ୟ ଓ ଦେଶ ମନେ ରଖିବ ବୋଲି କହିଥିଲେ। ସେହିପରି ଜିଲ୍ଲାର ଯୁବଗୋଷ୍ଠୀ ଏବେ ସାରା ଦେଶର ନେତୃତ୍ୱ ନେବାର ସମୟ ଆସିଛି ବୋଲି କହିବା ସହିତ ଓଡ଼ିଶାର ପ୍ରଗତିରେ କଳାହାଣ୍ଡିର ଅତୁଳନୀୟ ଯୋଗଦାନକୁ ସ୍ମରଣ କରିଥିଲେ।

କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗଦେଇ ଘୁମୁରାକୁ ରାଷ୍ଟ୍ରୀୟ ମାନ୍ୟତା ଦେବାପାଇଁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ତାଙ୍କ ଅଭିଭାଷଣରେ କଳାହାଣ୍ଡି ଆଗାମୀ ପାଞ୍ଚ ବର୍ଷରେ ନମ୍ବର ଏକ ସ୍ଥାନରେ ପହଞ୍ଚିବ ବୋଲି ଜୋର ଦେଇ କହିଥିଲେ। ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଉମେଶ ଶତପଥୀ ଓ ସତ୍ୟନାରାୟଣ ମୁଣ୍ଡଛିନା ସଭା ପରିଚାଳନା କରିଥିଲେ। ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଥିମଧ୍ୟରୁ ଜିଲ୍ଲାର ସର୍ବଶ୍ରେଷ୍ଠ ସମ୍ମାନ କୁହାଯାଉଥିବା କଳାହାଣ୍ଡି ବରପୁତ୍ର ସମ୍ମାନ କୃଷି କ୍ଷେତ୍ରରେ ବ୍ରଜେନ୍ଦ୍ର ପାଟଯୋଶୀ, କଳା କ୍ଷେତ୍ରରେ ମାର୍କଣ୍ଡ ନାଏକ, ସାହିତ୍ୟ କ୍ଷେତ୍ରରେ ଡ. ଦାଶରଥୀ ଆଚାର୍ଯ୍ୟ, କ୍ରୀଡ଼ା କ୍ଷେତ୍ରରେ ଟି. ରାମକ୍ରିଷ୍ଣାଙ୍କୁ ପ୍ରଦାନ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଭବାନୀଶଙ୍କର ନିଆଲଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିବାବେଳେ ବରିଷ୍ଠ ଆଇନଜୀବୀ ସୁବ୍ରତ ବହିଦାର, ଘଟ କିଶୋର ଠେଲା, ପ୍ରଭଜ୍ୟୋତ କୌରଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ବିଜ୍ଞାନ ଶିକ୍ଷକ ସନ୍ତୋଷ କର, ବୀରେନ୍ଦ୍ର ଆଚାର୍ଯ୍ୟ, ଯୁଧିଷ୍ଠିର ମୁଦୁଲି, ବିନୋଦ ବାତ୍ରା, ରାଜୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଶିଷ୍ଟ ଘୁମୁରା ଗୁରୁ କୈଳାସ ଚନ୍ଦ୍ର ନାଏକ, ସୁରେଶ ଚନ୍ଦ୍ର ସିଂହ, ଗୌରାଙ୍ଗ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାହାଣ୍ଡି ଉତ୍ସବ ପରିଚାଳନା ଓ ପାରବା ମଞ୍ଚ ପରିଚାଳନାରେ ଦୀର୍ଘ ବର୍ଷ ଧରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଶିଷ୍ଟ ଉଦଘୋଷକ ସ୍ୱର୍ଗତ ସୁଶୀଲ ଗହୀର ଓ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଦିବଂଗତ କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ଓ ସମ୍ମାନ ଉପସମିତିର ଅଧ୍ୟକ୍ଷା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, ବିଶିଷ୍ଟ ଶିକ୍ଷାବିତ ଡ. ଅଜୟ ମିଶ୍ର, ଡ. ପରମେଶ୍ୱର ମୁଣ୍ଡ, ପ୍ରଦୀପ ବିହାରୀ, ବିରଞ୍ଚି ନାରାୟଣ ମୁଣ୍ଡ ଓ ପ୍ରତାପ ପଣ୍ଡା ପ୍ରମୁଖ ପ୍ରତିଭା ଚୟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ରେଡ଼କ୍ରସ ଦୃଷ୍ଟିହୀନ ବିଦ୍ୟାଳୟର ଅନ୍ତେବାସୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କଳାହାଣ୍ଡି କଳାକେନ୍ଦ୍ରର ଓଡିଶୀ, କାରୁଣ୍ଡ କଳାକେନ୍ଦ୍ରର ଘୁମୁରା, ଆସାମର ବିହୁ, ମୟୁରଭଞ୍ଜ ଓ ଉତ୍ତରସାହୀର ଛଉ ନୃତ୍ୟ, ହିମାଚଳର ପାହାଡ଼ୀ ନୃତ୍ୟ, ସମ୍ବଲପୁରର ଲହରୀ, ନୃତ୍ୟ ରସିକାର ଚୁଟକୁଚୁଟା, ଭବାନୀପାଟଣାର ନଟରାଜ କଳାପରିଷଦ, ସଙ୍ଗମ ଅନୁଷ୍ଠାନ, ସୋନି ଡ୍ୟାନ୍ସ ଗ୍ରୁପ, ମୟୁରୀ ଡ୍ୟାନ୍ସ ଗ୍ରୁପ, ମାଲକାନଗିରିର ଢେମସା, ଟ୍ରାଇବାଲ ପ୍ରୋଜେକ୍ଟ ଏକାଡେମୀ, ଗଞ୍ଜାମର ବିଚିତ୍ରା ବର୍ଣ୍ଣାଳୀ ଓ ନରେନ୍ଦ୍ରପୁରର ଲୋକନୃତ୍ୟ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ପ୍ରଗତିର ବଜାଶାଳ ପ୍ରମୁଖ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ସେହିପରି ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ଦୁଷ୍ମନ୍ତ ସୁନା, ଅମର ଦାଶ, ରାଜଶ୍ରୀ କୁମ୍ଭାର ଓ ରାଜା ବ୍ୟାଣ୍ଡ ପ୍ରମୁଖ ବିଳମ୍ବିତ ରାତିଯାଏଁ ଲକ୍ଷାଧିକ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଧୀର ନାଏକ, ଲୋଚନୀ ବାଗ, ମନୋଜ ଶର୍ମା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆଶୁତୋଷ ପାତ୍ର, ଦୀପ୍ତିମୟୀ ସିଂ ପରିଚାଳନା କରିଥିଲେ।

## ବିଭିନ୍ନ ସମସ୍ୟା ନେଇ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ବିଜେପି ନେତା



ନୂଆପଡ଼ା, ୧୭।୧(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦିନିକିଆ ଗସ୍ତରେ ଆସିଥିବା ଅବସରରେ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ଜିଲ୍ଲାବାସୀଙ୍କ ତରଫରୁ ରାଜସ୍ୱ ବିଭାଗ ସମ୍ପର୍କିତ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାର ବିଭିନ୍ନ ତହସିଲରେ ମୂଳ ଗ୍ରାମରୁ ଅଲଗା କରି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା, ଖଡ଼ିଆଳକୁ ରାଜସ୍ୱ ସବ୍ ଡିଭିଜନ୍ ଘୋଷଣା, ଅବିଭକ୍ତ କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାକୁ ନେଇ ରାଜସ୍ୱ ଡିଭିଜନାଲ କମିଶନର କାର୍ଯ୍ୟାଳୟ ଘୋଷଣା, ଜିଲ୍ଲାର ବିଭିନ୍ନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଖାଲିଥିବା ପଦବୀ ପୂରଣ, ଜିଲ୍ଲାର ପୂର୍ବ ପ୍ରସ୍ତାବିତ ୨୨ଟି ନୂତନ ରାଜସ୍ୱ ବା ଆରଆଇ ସର୍କଲ୍ କୁ ତୁରନ୍ତ ଅନୁମୋଦନ, ପ୍ରତି ଆରଆଇ କାର୍ଯ୍ୟାଳୟକୁ ବିଦ୍ୟୁତ୍, ଇଣ୍ଟରନେଟ୍ (ବ୍ରଡ ବ୍ୟାଣ୍ଡ) ସଂଯୋଗ, ସଧାରଣ ଲୋକଙ୍କ ପାଇଁ ପାନୀୟ ଜଳ, ଶୌଚାଳୟ ଭଳି ମୌଳିକ ସୁବିଧା ଯୋଗାଣ, ପ୍ରତ୍ୟେକ ଆରଆଇ କାର୍ଯ୍ୟାଳୟକୁ ଇ - ପାଉତି ପାଇଁ ଗୋଟିଏ ମୋବାଇଲ ଥର୍ମାଲ ପ୍ରିଣ୍ଟର ପ୍ରଦାନ, ବର୍ତ୍ତମାନ ସୁଦ୍ଧା ନୂଆପଡ଼ା ଜିଲ୍ଲାରୁ କୌଣସି ଆରଆଇ କିମ୍ବା ସୁପରଭାଇଜରଙ୍କୁ ଓଆରଏସ ପ୍ରମୋଶନ ଦିଆଯାଇନାହିଁ, ଏ ବିଷୟ ରେ ବିଚାର କରିବା, ଇତ୍ୟାଦି ଦାବିକୁ ନେଇ ଏକ ପତ୍ର ପ୍ରଦାନ କରିଥିଲେ। ଏସବୁ ଉପରେ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ।

## ବିଶୋରା ସ୍କୁଲର ବାର୍ଷିକ ଉତ୍ସବ



ନୂଆପଡା, ୧୭।୧ (ସମିସ): ସ୍ଥାନୀୟ ବିଶୋରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋହନ କୁମାର ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମାର୍ଦ୍ଧରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷ ତାରେଶ୍ୱରୀ ସାହୁ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର, ସରପଞ୍ଚ ଲିଲେଶ୍ୱରୀ ଦଣ୍ଡସେନା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚୈତରାମ ନାଏକ, ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ, ବରଗଡ଼ କ୍ରିଷ୍ଣା ବିକାଶର ପ୍ରିନ୍ସିପାଲ ନାରାୟଣ ରଥ, ଡୋଳାମଣି ସତପଥୀ, ସିଆରସିସି ମନୋଜ ବରିହା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ତୃତୀୟ ଶ୍ରେଣୀ ବୃତି ପରୀକ୍ଷାରେ ବ୍ଲକରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀ ଲକ୍ଷ୍ମୀ ପାଣ୍ଡେ, ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀ ଦାମିନୀ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଗଲା । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବୌଦ୍ଧ, ୧୭ ।୧(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ର ଅଧ୍ୟକ୍ଷତା କରି ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରୋଗ୍ରାମ ଅଫିସର ସୁମିତା ସାହୁ ଆତ୍ମସୁରକ୍ଷା ତାଲିମ ଶିବିରରେ ସରକାରଙ୍କ ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ବସନ୍ତୀ ପଧାନ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଧ୍ୟାପିକା କରିସ୍ମା ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଦୀର୍ଘ ୧୦ ଦିନ ଧରି ଚାଲିଥିବା ଏହି ତାଲିମ ଶିବିରରେ ବୌଦ୍ଧ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୧୩୮ ଜଣ ଛାତ୍ରୀ ତାଲିମ ନେଇଥିଲେ। ପ୍ରଶିକ୍ଷିକା ରୋଜାଲିନ ରାଜହଂସ ଓ ସନ୍ଧ୍ୟାରାଣୀ ସାହୁ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।




## ଠିକା କମ୍ପାନୀରେ ଚଢ଼ଉ

ସୋନପୁର, ୧୭ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ଶୁକ୍ରବାର ଏକ ବଡ଼ ଧରଣର ଆୟକର ଚଢ଼ଉ ହୋଇଛି। ଜିଲ୍ଲାର ରାମଚଣ୍ଡୀ କନଷ୍ଟ୍ରକସନ୍ କମ୍ପାନୀ ଉପରେ ଆୟକର ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। କମ୍ପାନୀ ଲିଙ୍କରେ ଏକାଧିକ ସ୍ଥାନରେ ଚଢ଼ଉ କରି ଆୟକର ବିଭାଗର ଅଧିକାରୀମାନେ ବିଭିନ୍ନ କାଗଜପତ୍ର ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାର ତରଭା ଏବଂ ବୌଦ୍ଧ ଜିଲ୍ଲାରେ ଥିବା କ୍ରସର୍, ସୋନପୁର ସହରରେ ଥିବା ଅଫିସ୍, ଘର ଏବଂ ଜବଲପୁର ସ୍ଥିତ ପୈତୃକ ଘରେ ଏକ ସଙ୍ଗରେ ଆୟକର ବିଭାଗର ଚଢ଼ଉ ଜାରି ରହିଥିବା ଜଣାପଡିଛି । ସେହିପରି ବୀରମହାରାଜପୁର ଠାରେ ଥିବା ଏସକେଏମ୍ କନଷ୍ଟ୍ରକସନ କମ୍ପାନୀରେ ମଧ୍ୟ ଆୟକର ବିଭାଗ ଚଢ଼ଉ କରୁଛି। କମ୍ପାନୀର ଚମ୍ପାମାଳ ଓ ବାଘମାରି ସ୍ଥିତ ଘର ସମେତ ପିତାମହୁଲ ଠାରେ ଥିବା ପିଚୁ କାରଖାନାରେ ଚଢ଼ଉ ଚାଲିଥିବା ଜଣାପଡିଛି।

## ୧୪ ମଣ୍ଡଳ ସଭାପତିଙ୍କ ନାମ ଘୋଷିତ

ନୂଆପଡ଼ା, ୧୭।୧ (ସମିସ): ନୂଆପଡ଼ା ଜିଲ୍ଲା ବିଜେପି ତରଫରୁ ୧୪ ଜଣିଆ ମଣ୍ଡଳ ସଭାପତି ତାଲିକା ଘୋଷିତ ହୋଇଛି। ଜିଲ୍ଲା ତରଫରୁ ସୁପାରିଶ ହୋଇଥିବା ୧୪ ଜଣିଆ ମଣ୍ଡଳ ସଭାପତିଙ୍କ ନାମ ତାଲିକାକୁ ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଷଡ଼ଙ୍ଗୀ ମୋହର ମାରିଥିବା ବେଳେ ଶୁକ୍ରବାର ସଂଧ୍ୟାରେ ଜିଲ୍ଲା ନିର୍ବାଚନ ଅଧିକାରୀ ଗୋବିନ୍ଦ କୁମାର ଜୈନ, ସହ ଅଧିକାରୀ ସୁଶାନ୍ତ କୁମାର ପତି, ରାତ୍ରାନନ୍ଦ ମନହୀରାଙ୍କ ଉପସ୍ଥିତିରେ ଜିଲ୍ଲା ସଭାପତି ସୁବ୍ରତ କୁମାର ଠାକୁର ଘୋଷଣା କରିଛନ୍ତି। ଏମାନେ ହେଲେ ଜୟ ଜଂଘା ମଣ୍ଡଳର ସଭାପତି ଭାବେ ଗୋବିନ୍ଦ ଦଣ୍ଡସେନା, ସୁନାଦେଇ ମଣ୍ଡଳର ଲୋକନାଥ ହୋତା, ବଞ୍ଜାରୀ ମଣ୍ଡଳର ଭକ୍ତବନ୍ଧୁ ରଣା, ଯୋଗେଶ୍ୱର ମଣ୍ଡଳର ସନ୍ତୋଷ କୁମାର ସାହୁ, ରୁଷିପିଟି ମଣ୍ଡଳର ସୁଶାନ୍ତ କୁମାର ବିଶି, ବୁଢାଦେ ଢାଦେଓର କୃତୀବାସ ତେଜି, ଉଦନ୍ତୀର ସୁପ୍ତମ ମସରା, ସୁନ୍ଦର ମଣ୍ଡଳର ରତ୍ନାକର ହଂସ, ଇନ୍ଦ୍ରାଦୀ ମଣ୍ଡଳର ଯୁଧିଷ୍ଠିର ହଂସ, ପାଉଁଳେଶ୍ୱର ମଣ୍ଡଳର ଶତ୍ରୁଘନ ସ୍ୱାଇଁ, ନୂଆପଡ଼ା ଏନଏସିର ସଦାନନ୍ଦ ଯୋଷୀ, ଖରିଆରରୋଡ ଏନଏସିର ଜୟରାମ କୈବର୍ତ, ପାତାଳେଶ୍ୱର ମଣ୍ଡଳର ନୀଳାମ୍ବର ମେହେର, କାନାଭେିରା ମଣ୍ଡଳର ସୁନୀଲ ସାହୁ ପ୍ରମୁଖ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି । ମଣ୍ଡଳ ପ୍ରତିନିଧି ଭାବରେ ଯଥାକ୍ରମେ ପୁନୀତ ରାଉତ, ଛବିଲୋଚନ ସାହୁ, ଫୁଲେଶ୍ୱର ଭୋଇ, ବସୁଦେବ ବିଶି, ଜ୍ଞାନରଞ୍ଜନ ମେଘ, ପ୍ରତାପ କେଶରୀ ଗୁଆଲ, ଘନେଶ୍ୱର ରାଉତରାୟ, ରାଜେନ୍ଦ୍ର କୁମାର ସାହ, ଲିଲୁ ବେହେରା, ଚନ୍ଦନ କୁମାର ଠାକୁର, ପ୍ରତୀପ କୁମାର ମହାପାତ୍ର, ସିଦ୍ଧାର୍ଥ ଶଙ୍କର ମହାପାତ୍ର, ବିଜୟ କୁମାର ବେହେରା, ଭିଖାରୀ ଚରଣ ମାଝୀଙ୍କୁ ମଧ୍ୟ ନିର୍ବାଚିତ କରାଯାଇଥିବା ପ୍ରକାଶ ।

## ଉଠା ଜଳସେଚନ ପଏଣ୍ଟ ମରାମତି ପାଇଁ ଦାବି

ବୌଦ୍ଧ, ୧୭ ।୧(ସମିସ): ବୌଦ୍ଧ ବ୍ଲକ ବାଉଁଶୁଣୀରେ ଠିକାଦାରଙ୍କ ଦ୍ୱାରା ନଷ୍ଟ କରାଯାଇଥିବା ଉଠା ଜଳସେଚନ ପଏଣ୍ଟକୁ ମରାମତି ପାଇଁ ଚାଷୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ପୂର୍ତ୍ତ ବିଭାଗ ପକ୍ଷରୁ ବାଉଁଶୁଣୀ-ବୀରମହାରାଜପୁର ମହାନଦୀ ପୋଲ ନିର୍ମାଣ ପାଇଁ ନିଯୁକ୍ତ ଠିକା ସଂସ୍ଥା ମହାନଦୀ ଉଠା ଜଳସେଚନ ପଏଣ୍ଟର ପାଇପ୍ ଭାଙ୍ଗିବା ସହ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡାଇ ଦେଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୂର୍ତ୍ତ ବିଭାଗ କିମ୍ବା ଠିକା ସଂସ୍ଥା କୌଣସି ମରାମତି କରାଉ ନ ଥିବା ଯୋଗୁଁ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ଏହା ଫଳରେ ପାଣି ଅଭାବରୁ ଜମି ପଡ଼ିଆ ରହିଛି। ତେଣୁ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉଠା ଜଳ ସେଚନ ପ୍ରକଳ୍ପର ସଭାପତି ବାବାରାମ ଦେହୁରୀ ଓ ସମ୍ପାଦକ ପ୍ରଦୀପ ଦେହୁରୀଙ୍କ ନେତୃତ୍ୱରେ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।

## ରାଜ୍ୟସ୍ତରୀୟ କାୟାକଳ୍ପ ପ୍ରତିନିଧି ମଣ୍ଡଳୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

ବୌଦ୍ଧ, ୧୭ ।୧(ସମିସ): ରାଜ୍ୟସ୍ତରୀୟ କାୟାକଳ୍ପ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ପ୍ରତିନିଧି ମଣ୍ଡଳି ଡାକ୍ତରଖାନା ପରିସରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରତିନିଧି ମଣ୍ଡଳିରେ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ ବେହେରା, ପରାମର୍ଶଦାତା ଡାକ୍ତର ସୂର୍ଯ୍ୟପ୍ରକାଶ, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରାମର୍ଶଦାତା ସରୋଜ ପାଣିଗ୍ରାହୀ ସାମିଲ ହୋଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ଡାକ୍ତରଖାନାର ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ପରିଦର୍ଶନ କରିବା ସହ ଚିକିତ୍ସା ସେବା ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, କମିଟିର ରିପୋର୍ଟ ଆଧାରରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ମାପଦଣ୍ଡ ପୂରଣ କରୁଥିବା ଡାକ୍ତରଖାନାକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯିବ।

## ସଂରକ୍ଷିତ ଜଙ୍ଗଲରୁ ଗଞ୍ଜେଇ ଚାଷ ନଷ୍ଟ

ଶଗଡ଼ା, ୧୭ ।୧(ସମିସ): କନ୍ଧମାଳ ପୁଲିସ ବରଗାଁ ପଞ୍ଚାୟତ ପୁଟୁପୁଟିଗଡ଼ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରିଛି। ସେଠାରେ ବେଆଇନ ଭାବରେ ୪୫ଏକର ପରିମିତ ଜାଗାରେ ଗଞ୍ଜେଇ ଚାଷ ହୋଇଥିଲା। ପୁଲିସ ୬୫ ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରିଥିବା ପ୍ରକାଶ କରିଛି। ଏହି ଚଢ଼ଉରେ କନ୍ଧମାଳ ପୁଲିସ, କନ୍ଧମାଳ ଓ ମନମୁଣ୍ଡା ଅବକାରୀ ବିଭାଗ, ବନ ବିଭାଗ କର୍ମଚାରୀ ସାମିଲ ଥିଲେ।

## ରାମଚଣ୍ଡୀ କ୍ରସରରେ ଆୟକର ବିଭାଗର ଚଢ଼ଉ

ବୌଦ୍ଧ, ୧୭ ।୧(ସମିସ):ବାଉଁଶୁଣି ଥାନା ଗୋଛାପଡ଼ା ପଞ୍ଚାୟତ ବିଜାପଦରସ୍ଥିତ ଜୟ ମା' ରାମଚଣ୍ଡି କ୍ରସରରେ ଆୟକର ବିଭାଗ ଚଢଉ କରିଛି। ଆୟକର ବିଭାଗର ୫ ଜଣିଆ ଟିମ୍ ଚଢଉ କରି କାଗଜପତ୍ର ଯାଞ୍ଚ କରିଛନ୍ତି। ରାମଚଣ୍ଡୀ ଫାର୍ମର ବିଭିନ୍ନ କ୍ରସର୍ ଏବଂ ଠିକା ସଂସ୍ଥାରେ ବ୍ୟାପକ ଆର୍ଥିକ ଅନିୟମିତତା ହେବା ସହ ଆୟକର ଠକେଇ ଅଭିଯୋଗରେ ଆୟକର ବିଭାଗ ପକ୍ଷରୁ ଚଢଉ ହୋଇଛି। କ୍ରସର୍ ମ୍ୟାନେଜରଙ୍କୁ ଆୟକର ଅଧିକାରୀ ଅଟକ ରଖି କାଗଜ ପତ୍ର ଯାଞ୍ଚ କରୁଛନ୍ତି। ତେବେ କେତେ ପରିମାଣର ଆୟକର ଠକେଇ ହୋଇଛି ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## କାର୍ଯ୍ୟରେ ଯୋଗଦେଲେ ନୂଆ ଉପଜିଲ୍ଲାପାଳ



ବୌଦ୍ଧ, ୧୭ ।୧(ସମିସ): ବୌଦ୍ଧର ନୂତନ ଉପ ଜିଲ୍ଲାପାଳ ଭାବେ ପ୍ରବୀଣ ବାଣ୍ଡୁଆ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ବାଣ୍ଡୁଆ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀ ବାଣ୍ଡୁଆ ଯୋଗ ଦେବା ପରେ ଉପ ଜିଲ୍ଲାପାଳ ଥିବା ପ୍ରଭାସ ଚନ୍ଦ୍ର ଦଣ୍ଡସନା ତାଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିଥିଲେ। ଶ୍ରୀ ବାଣ୍ଡୁଆ କାର୍ଯ୍ୟଭାର ଗ୍ରହଣ କରିବା ପରେ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ

ଲଛିପୁର,୧୭।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଗ୍ରାମ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠଦିନ ଧରି ଚାଲିଥିବା ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇତିହାସ ବିଭାଗର ପ୍ରାଧ୍ୟାପକ ଆର୍ତ୍ତତ୍ରାଣ ଦାଶ ମୁଖ୍ୟ ଅତିଥି ,ଦିଲ୍ଲୀପ ସାହୁ ଓ କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ପିଙ୍କି ଦାଶ ପରିଚାଳନା କରିଥିଲେ। ଛାତ୍ରୀ ପ୍ରୀତି ମହାକୁର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବବଲି ପ୍ରଧାନ ଓ ଚିନ୍ମୟୀ ଦେହୁରୀ ତାଲିମ ଦେଇଥିଲେ । ଛାତ୍ରୀ ବର୍ଷାରାଣୀ ବେହେରା ଓ ଲକ୍ଷ୍ମୀପ୍ରିୟା ନାଏ ଅନୁଭୂତି ପ୍ରଦାନ କରିଥିଲେ । ଛାତ୍ରୀ ଦୀପାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ।

## ହରିଣାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବୀରମହାରାଜପୁର, ୧୭ ।୧(ସମିସ):**



ବୀରମହାରାଜପୁର ଉପଖଣ୍ଡ କୋଟସମଲାଏ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହରିଣାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସଭାରେ ପ୍ରଧାନଶିକ୍ଷକ ମକୁନ୍ଦ ଧରୁଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ସାଂସଦ ପ୍ରତିନିଧି ରାଧାକାନ୍ତ ମହାକୁର, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଉଲୁଣ୍ଡା ଆଲୋକ ପଧାନ ଓ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଉଲୁଣ୍ଡା, ଯୋଗେଶ୍ୱର ଦାସ ,ମୁଖ୍ୟବକ୍ତା ସିଆରସିସି, କୋଟସମଲାଏ ସୁଧାଂଶୁ ଶେଖର ଲୁହା ଯୋଗଦାନ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ଏବଂ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ମାଶ୍ରିତାସୁଦ୍ଧା ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ସତ୍ୟବ୍ରତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଗୋପାଳ ନାଏକ, ସୁରେଶ ପଧାନ, ଷଷ୍ଠୀ ଧରୁଆ, ସେବତୀ ସୁରୁଜାଳ, ଗୀତାଞ୍ଜଳି ମହାକୁର ତଥା ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

## ପାଚେରି ନିର୍ମାଣରେ ଦୁର୍ନୀତି ଅଭିଯୋଗ

# ପୁରୁଣା ଇଟାରେ ତିଆରି କରି ଟଙ୍କା ଆତ୍ମସାତ ଉଦ୍ୟମ

**ଦେଓଗାଁ, ୧୭।୧(ସମିସ)**



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ନିକଟରେ ରହିଥିବା ଆର୍‌ଡି ବିଭାଗର ଅଫିସ ଚତୁଃପାର୍ଶ୍ୱରେ ରହିଥିବା ପୁରଣା ପାଚେରିକୁ ଭାଙ୍ଗି ସେହିସ୍ଥାନରେ ନୂତନ ପାଚେରି ନିର୍ମାଣ ପାଇଁ କାମ ଆରମ୍ଭ ହୋଇଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାରରେ ପୁରୁଣା ପ୍ଲିନ୍ଥରେ ପୁରୁଣା ଇଟାଲଗାଇ ନୂତନ ପାଚେରି ନିର୍ମାଣ କରାଯାଉଛି। ଏପରିକି କାମ ସରିବାକୁ ଥିଲେ ହେଁ ସୂଚନାଫଳକ ମଧ୍ୟ ଲଗାଯାଇ ନ ଥିବାରୁ ଲୋକେ କୌଣସି ସୂଚନା ମଧ୍ୟ ପାଇପାରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗୁରୁବାର ଦେଓଗାଁ ବ୍ଲକରେ ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ହାତିସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର ଆରଡି ବିଭାଗ ଜାଣିଶୁଣି ଏଭଳି ଦୁର୍ନୀତି କରୁଥିବା ପରିତାପର ବିଷୟ ବୋଲି ଗୃହରେ ଅଭିଯୋଗ ଉଠାଇବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ସମସ୍ୟାକୁ ନେଇ ଆରଡି ବିଭାଗର ଏସଡିଓ ବୁଦ୍ଧେଶ୍ୱର ମହାପାତ୍ରଙ୍କୁ ପଚାରିବାରୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବଲାଙ୍ଗିରରେ ଆୟକର ବିଭାଗ ଚଢ଼ଉ

**ବଲାଙ୍ଗିର, ୧୭।୧(ସମିସ):** ସୁପରକ୍ଲାସ ଠିକାଦାର ବ୍ରଜକିଶୋର ଦାସଙ୍କ ଘରେ ଆୟକର ବିଭାଗର ଚଢ଼ଉ ହୋଇଥିବା ବେଳେ ତାଙ୍କ ସହ ଲିଙ୍କରେ ଥିବା ବଲାଙ୍ଗିର ଜିଲ୍ଲାର ଏକାଧିକ ଠିକାଦାରଙ୍କ ଅଫିସରେ ମଧ୍ୟ ଆୟକର ବିଭାଗର ଟିମ୍ ଚଢ଼ଉ କରିଥିବା ଜଣାପଡ଼ିଛି। ବ୍ରଜକିଶୋର ଦାସ ରାଜ୍ୟର ଜଣେ ବଡ଼ ଠିକାଦାର ହୋଇଥିବା ବେଳେ ଅନେକ ବଡ଼ ବଡ଼ ଠିକାକାମ ବିଭିନ୍ନ ପେଟି ଠିକାଦାର ମାନଙ୍କ ଦ୍ୱାରା କରାଉଥିଲେ। ତେବେ ତାଙ୍କ ଲିଙ୍କରେ ଥିବା ଉକ୍ତ ଠିକାଦାରମାନଙ୍କ ବିଭିନ୍ନ କାର୍ଯ୍ୟାଳୟରେ ଏହି ଚଢ଼ଉ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଆୟକର ବିଭାଗର ଟିମ ବଲାଙ୍ଗିର ରୁଗୁଡିପଡ଼ାରେ ଥିବା ଆକାଶ କନ୍‌ଷ୍ଟ୍ରକସନ କାର୍ଯ୍ୟାଳୟ, ପେଲେସଲାଇନ ରେ ଥିବା ମିଶ୍ର ମାର୍ଟ ପ୍ରାଇଭେଟ ଲିମିଟେଡ କାର୍ଯ୍ୟାଳୟ ଓ ବ୍ରିଲିଏଣ୍ଟଇନଫ୍ରା କାର୍ଯ୍ୟାଳୟରେ ଚଢ଼ଉ ହୋଇଥିବା ଜଣାପଡ଼ିଛି। ଏହି ତିନୋଟି ଠିକା କମ୍ପାନୀର ମାଲିକମାନେ ଜିଲ୍ଲା ତଥା ରାଜ୍ୟର ଜଣାଶୁଣା ଠିକାଦାର। ଯେଉଁମାନେ କି କୋଟି କୋଟି ଟଙ୍କାର ଠିକାକାମ କରିବା ସହ ବ୍ରଜକିଶୋର ଦାସଙ୍କ ଲିଙ୍କରେ ଥିଲେ। ସେହିପରି ଜିଲ୍ଲାର ବଙ୍ଗୋମୁଣ୍ଡା, ମୁରିବାହାଲ, ଟିଟିଲାଗଡ଼ ଓ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଆୟକର ବିଭାଗର ଟିମ୍ ଚଢ଼ଉ କରି ଛାନଭିନ୍ କରୁଥିବା ଜଣାପଡ଼ିଛି।

# କୁତୁର୍ଲା କଲେଜରେ ପରିବେଶ ସଚେତନତା କାର୍ଯ୍ୟକ୍ରମ




**ଦେଓଗାଁ, ୧୭।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବାନନ୍ଦ ଯୁକ୍ତଦୁଇ କଲେଜରେ ଶୁକ୍ରବାର ଇକୋକ୍ଲବ୍ ଦ୍ୱାରା ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ପ୍ରମୋଦ କୁମାର ବଡ଼ପଣ୍ଡାଙ୍କ ସଭାପତିତ୍ୱ ତଥା ନୋଡାଲ ଅଧିକାରୀ ବିଜୟ କୁମାର ଜାଲଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ କନ୍ଧକେଲ ଗାଁର ବନପାଳ ଆଦିତ୍ୟ କୁମାର ନନ୍ଦ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ବଳରାମ ପଧାନ, ହେମନ୍ତ କୁମାର ସାହୁ, ପାରାଷ୍ଟାଫ ବେଣୁଧର ପଧାନ ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଶପଥପାଠ କରାଯାଇଥିଲା। ଅଧ୍ୟାପକ ବଳରାମ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କେ.ଭି.ମହାବିଦ୍ୟାଳୟରେ ମାଗଣା କୋଚିଂ

**କଣ୍ଟାବାଞ୍ଜି, ୧୭ ।୧ (ସମିସ):** କଣ୍ଟାବାଞ୍ଜି ମହାବିଦ୍ୟାଳୟରେ ସ୍ନାତକୋତ୍ତର ବିଦ୍ୟାର୍ଥୀମାନଙ୍କ ପାଇଁ ଆଇକ୍ୟୁ.ଏସିର ସହଭାଗିତାରେ ମାଗଣା ନେଟ୍/ଜେଆରଫ କୋଚିଙ୍ଗ ଉଦ୍‌ଘାଟିତ ହୋଇଯାଇଛି। ମାହାବିଦ୍ୟଳୟର ଅଧ୍ୟାପକ ହେବା ପାଇଁ ୟୁଜିସି ଦ୍ୱାରା ଆୟୋଜିତ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନିତାନ୍ତ ଆବଶ୍ୟକ। ସୂଚନାଯୋଗ୍ୟ ଯେ ମହାବିଦ୍ୟାଳୟର ଅଧ୍ୟାପକମାନଙ୍କ ଦ୍ୱାରା ଏହି କୋଚିଂରେ ଉଭୟ ପେପେର ପାଇଁ ଶିକ୍ଷାଦାନ, ପ୍ରଶ୍ନପତ୍ର ଅଭ୍ୟାସ ଏବଂ ମାର୍ଗଦର୍ଶନ କରାଯିବ। ମହାବିଦ୍ୟଳୟର ଅଧ୍ୟକ୍ଷ ପଦ୍ମଲୋଚନ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଯୁକ୍ତଦୁଇ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଡ. ସୁଶାନ୍ତ କୁମାର ମହାନନ୍ଦ, ସଞ୍ଜୟ କୁମାର ମିଶ୍ର, ରୋହିତ କିଶୋର କୁମ୍ଭାର, ଜତିନ ଦ୍ୱାରୀ, ପ୍ରଦ୍ୟୁମ୍ନ କୁମାର ବାଗ, ଉମେଶ ବାଗ, ଅଧ୍ୟାପିକା ମନୀଷା ତୁରିଆ, ଉର୍ମିଳା ସାହୁ ପ୍ରମୁଖ ଯୋଗଦେଇଥିଲେ। କୋଚିଂ ସଂଯୋଜିକା ଦିଶା ଅଗ୍ରୱାଲ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସୁଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଲେଖିକାଙ୍କୁ ଭେଟିଲେ ଛାତ୍ରଛାତ୍ରୀ



**କଣ୍ଟାବାଞ୍ଜି, ୧୭ ।୧ (ସମିସ):** କଣ୍ଟାବାଞ୍ଜି ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗର ଛାତ୍ରଛାତ୍ରୀମାନେ କଣ୍ଟାବାଞ୍ଜି ସହରର ଜଣେ ଲେଖିକା ଓ ଅନୁବାଦିକା ସ୍ମିତା ମହେନ୍ଦ୍ର ଜୈନଙ୍କୁ ଭେଟିଛନ୍ତି। ବିଭାଗୀୟ ମୁଖ୍ୟ ଡ. ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ୨୫ ଜଣ ଛାତ୍ର ଛାତ୍ରୀ ଶ୍ରୀମତୀ ଜୈନଙ୍କ ଘରକୁ ଯାଇ ତାଙ୍କ ସ୍ୱରଚିତ କବିତା ଶୁଣିଥିଲେ। ଶ୍ରୀମତୀ ଜୈନ ଓ ତାଙ୍କ ସ୍ୱାମୀ ବଲ୍ଲୁ ଜୈନ ପିଲାମାନଙ୍କୁ ଜୈନ ଧର୍ମର ମହତ୍ୱ, ନିୟମାବଳୀ, ଅହିଂସା, ଅପରିଗ୍ରହ ଏବଂ କ୍ଷମା ମାଗିବାର ପ୍ରକ୍ରିୟା ଉପରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ସୂଚନା ଯୋଗ୍ୟ ଯେ ଶ୍ରୀମତୀ ଜୈନ ବିଶିଷ୍ଟ ଲେଖକ ତୁଳସୀ ରାମ ଜୈନଙ୍କ ଝିଅ ଓ ନିଜେ ଜଣେ ଉତ୍ତମ ଅନୁବାଦିକା ଅଟନ୍ତି। ଛାତ୍ରୀ ଶୁଭଶ୍ରୀ ବିଶ୍ୱାଳ, ଧନମତି ମାହାର, ନମିତା ଭୋଇ ଛାତ୍ର ବିମଳ ଦଣ୍ଡସେନା, ଦୁଷ୍ମନ୍ତ ମାହାନନ୍ଦ, ରବି ବଗର୍ତ୍ତୀ, ପ୍ରଶାନ୍ତ ନାଏକ ପ୍ରମୁଖ ଭେଟି ବିଭିନ୍ନ ପ୍ରଶ୍ନ ପଚାରିଥିଲେ।

# କୁଳିଆବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ନୂଆପଡ଼ା, ୧୭।୧(ସମିସ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଳିଆବନ୍ଧାଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବରେ ଗୁରୁକୁଳ ଆମସେନାର ଆଚାର୍ଯ୍ୟ ବ୍ରତାନନ୍ଦ ସରସ୍ୱତୀ ଜୀ, ଡାଏଟ ଅଧ୍ୟକ୍ଷ ନରୋତ୍ତମ ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ , ସରପଞ୍ଚ କୁଳିଆବନ୍ଧା ସନ୍ତରାମ ପାଣ୍ଡେ , ସମିତି ସଭ୍ୟା କେଶରୀବାଇ ମାଝୀ ,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ମସାନକୁଣ୍ଡା ମନୋଜ କୁମାର ବରିହା, ଗ୍ରାମର ବରିଷ୍ଠ ନାଗରିକ ଲୋହିତ ଶବର, ହୀରାଲାଲ ପଟେଲ ଏବଂ ମୁଖ୍ୟବକ୍ତା ଭାବରେ ବରିଷ୍ଠ ଶିକ୍ଷାବିତ ଡ. ଶିବପ୍ରସାଦ ବେହେରା ଯୋଗଦେଇଥିଲେ। ଶିକ୍ଷକ ଗୁଣସାଗର ଭୋଇଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଶିକ୍ଷଣ ଷ୍ଟଲ ଏବଂ ସେଲଫି ପଏଣ୍ଟକୁ ସମସ୍ତେ ବୁଲି ଦେଖିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉଚ୍ଚ କୋଟିର କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ବିଦ୍ୟାଳୟର ଶ୍ରେଷ୍ଠ ବିଦ୍ୟାର୍ଥୀ, ଖେଳାଳି, ସ୍ୱେଚ୍ଛାସେବୀ, ବିଦ୍ୟାଳୟ କ୍ୟାବିନେଟ ମନ୍ତ୍ରୀ, ନିୟମିତ ଦୈନିକ ଉପସ୍ଥାନ, ବାଳ ବୈଜ୍ଞାନିକ, ଛାତ୍ରବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସେବକ ରାମ ପଟେଲ, ଥାନସିଂ ଠାକୁର,ସଙ୍କୀର୍ତ୍ତନ ଶବର, ବିଶେଶ୍ୱର ବେମାଲ , ଦେବାର୍ଚ୍ଚନ ଗଉଡ଼, ରାମ ଖିଲାସ, ସୁକୁନ୍ଦ୍ର ବେମାଲ, ପୁସ୍ତମ୍ ମାଝୀ, ବିନୋଦ ରଣା, ପ୍ରେରଣା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ହେମାଙ୍ଗୀନି ଭୋଇ ଏବଂ ଅନ୍ୟାନ୍ୟ ସଦସ୍ୟା , ଗ୍ରାମବାସୀ ଓ ବିଦ୍ୟାଳୟର ଶିକ୍ଷକ ରବିଶଙ୍କର ଭୋଇ, ନାନ୍ତା ମାଝୀ , ଶିକ୍ଷୟିତ୍ରୀ ଲୀଳା ବାଇ ଶବର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କିଶୋର କୁମାର ପରିଡ଼ା ଧନ୍ୟବାଦ ଅର୍ପଣ ସହ ବାର୍ଷିକ ଉତ୍ସବ ପାଳନ କାର୍ଯ୍ୟକ୍ରମଟିକୁ ସାଙ୍ଗଘୋଷଣ କରିଥିଲେ।

# ମାଣ୍ଡିଆ କ୍ଷେତ ବୁଲିଦେଖିଲେ ଜିଲ୍ଲାପାଳ

**ନୂଆପଡ଼ା, ୧୭ ।୧ (ସମିସ):** ନୂଆପଡ଼ା ଭଳି ଜିଲ୍ଲାର ଉପାନ୍ତ ପାହାଡ଼ିଆ ଅଞ୍ଚଳରେ ବନବାସୀ ଆଦିବାସୀଙ୍କ ଜୀବନ ଜିବିକାକୁ ସୁଦୃଢ଼ କରିବା ସହ ମାଣ୍ଡିଆ ଭଳି ପାରମ୍ପରିକ ଚାଷକୁ ଉତ୍ସାହିତ କରିବାକୁ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡିଛି । ଏହି କ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ନିଜେ କୃଷି ବିଭାଗର ଅଧିକାରୀମାନଙ୍କୁ ନେଇ ସିଧାସଳଖ ଚାଷୀଙ୍କ କ୍ଷେତକୁ ଯାଇ ମାଣ୍ଡିଆ ଚାଷ ସ୍ଥିତି ବୁଲି ଦେଖିଛନ୍ତି। ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ଦଶ କିମି ଦୂର ସମୁଦ୍ର ପତନରୁ ଦୁଇ ହଜାର ଫୁଟ ଉଚ୍ଚରେ ଦୁର୍ଗମ ଜଙ୍ଗଲ ଭିତରେ ଥିବା ପେଠିଆ ପାଲି ଗାଁରେ ଶ୍ରୀ ଅନ୍ନ ଯୋଜନାରେ ଚାଷ କରିଥିବା ଚାଷୀମାନଙ୍କ ଚାଷ କ୍ଷେତକୁ ଦେଖିଛନ୍ତି । ଅଗ୍ରଣୀ ଚାଷୀ ମଙ୍ଗଳୁ ମାଝୀ, ନୀଳାମ୍ବର ମାଝୀ, ଚୈନ ସିଂ ମାଝୀଙ୍କ ଚାଷ ଜମିକୁ ଜିଲ୍ଲାପାଳ ଦେଖିଥିଲେ। ଏହି ଅବସରରେ ଜିଲ୍ଲାପାଳ ଦାଶ ଚାଷୀମାନେ ଆହୁରି ଏହି ଯୋଜନାରେ ଚାଷ କରିବାକୁ ଆହ୍ୱାନ କରିଥିଲେ । ପ୍ରତ୍ୟେକ ଚାଷୀଙ୍କୁ ହେକ୍ଟର ପିଛା ଦଶ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏହାର ଫାଇଦା ନେବାକୁ କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ହୀରାଲାଲ ମାଝୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ବ୍ଲକକୃଷି ଅଧିକାରୀ ସତ୍ୟଭୂଷଣ ନାଗ, ସହକାରୀ କୃଷି ଅଧିକାରୀ ଆଶିଷ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ।



# ବ୍ଲକସ୍ତରୀୟ ମକର ମେଳା ମହୋତ୍ସବ ଉଦ୍‌ଯାପିତ

**ମୁରିବାହାଲ, ୧୭ ।୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ପ୍ରସିଦ୍ଧ ଡଙ୍ଗରବୁଢ଼ା ପାହାଡରେ ଗତ ଚାରିଦିନ ଧରି ଚାଲିଥିବା ମକର ମେଳା ମହୋତ୍ସବ ତଥା ଷୋହଳ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅଧିବାସ ଦିନ ଯମୁନା ମହାଦେବ ବନ୍ଧରୁ ୨୫୧ ମହିଳା କଳସ ଶୋଭାଯାତ୍ରାରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ନାମ ପରିବେଷଣ ହୋଇଥିଲା। ଷୋହଳ ପ୍ରହରୀ ନାମଯଜ୍ଞରେ କର୍ତ୍ତା ଭାବେ ଗାଁ ଗୌନ୍ତିଆ ନେତ୍ରାନନ୍ଦ ମହାକୁର ଓ ତାଙ୍କ ଧର୍ମପତ୍ନୀ ଝୁନୁରାଣୀ ମହାକୁର, ପୂଜକ ଭାବେ ଦୁର୍ଯୋଧନ ପାଣିଗ୍ରାହୀ, ଦାଶରଥୀ ଷଡ଼ଙ୍ଗୀ, ବୈଷ୍ଣବ ଭାବେ ଦେବେନ୍ଦ୍ର ପଧାନ, ନଟବର ମେର୍ଲି, ରାଏଧର ଶିକା, ଉଦ୍ଧାଧର ମହାକୁର, ମଧୁସୂଦନ କର୍ମୀ ଓ ଯେହେରୁ ମହାକୁର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ମହୋତ୍ସବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବିଡିଓ ବାସନ୍ତୀ ସେଠୀ, ଆଇଆଇସି ସିପୋରା ସରାୟ ଲୁଗୁନ, ବିଇଓ ଶାନ୍ତନୁ କୁମାର ପଡ଼ିହାରୀ, ପୂର୍ବ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ସାଂସଦ ପ୍ରତିନିଧି ଶ୍ରୀବତ୍ସ ବେହେରା, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ବରିଷ୍ଠ ବିଜେଡି ନେତା ଗିରିରାଜ ସିଂ ମାଝୀ, ଜିପିଡିଓ ଗଙ୍ଗାଧର ଛତର, ହଳଦୀ ସରପଞ୍ଚ ସୌମୀନା ସେଠ, ସମିତି ସଭ୍ୟ ଟୁନାମଣି ମହାନନ୍ଦ, ପିଇଓ ରଶ୍ମିରଞ୍ଜନ ନାଗ, ସିରୋଲ ସରପଞ୍ଚ ଲୁଚନା ବଗର୍ତ୍ତୀ, ବିଟାବନ୍ଧ ସରପଞ୍ଚ କଲ୍ୟାଣୀ ଘିବେଲା, ରମାରଞ୍ଜନ ସେଠ, ବ୍ୟବସାୟୀ ଅନୀଲ ଶର୍ମା, ଭବାନୀ ଶର୍ମାଙ୍କ ସହ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଯୋଗ ଦେଇଥିଲେ। ମହୋତ୍ସବ କମିଟି ସଭାପତି ନିତ୍ୟାନନ୍ଦ ମହାକୁର, ଉପସଭାପତି ରମେଶ ଭୋଇ, ସମ୍ପାଦକ ସୁଶାନ୍ତ ପଧାନ, ସହ ସମ୍ପାଦକ ସଚ୍ଚିଦାନନ୍ଦ ମହାକୁର, କୋଷାଧ୍ୟକ୍ଷ ବ୍ୟାସଦେବ ପଧାନ, ଉପକୋଷାଧ୍ୟକ୍ଷ ଅକ୍ରୁର ମେର୍ଲିଙ୍କ ସହ ଉପଦେଷ୍ଟା ମାର୍କଣ୍ଡ ମହାକୁର, ଚୈତନ୍ୟ ଶିକା, ଭିକାରୀ ପାତ୍ର, ନୀଳକଣ୍ଠ ମହାକୁର, ସୁଶିଲ ମେର୍ଲି, ହୃଦାନନ୍ଦ କର୍ଣ୍ଣ, ମଳିଆ ପଧାନ, ଶିବାନନ୍ଦ ମହାକୁର, ଦିଲ୍ଲୀପ କର୍ଣ୍ଣ, କନ୍ଦର୍ପ ଶିକା, ଲକ୍ଷ୍ମୀଧର କର୍ମୀ, ପରମାନନ୍ଦ ଶିକା, ଗାନ୍ଧିଲାଲ ମହାକୁର, ଲୋଚନ ମହାକୁର, ଛନ୍ଦାଚରଣ ପାତ୍ର, ନବୀନ ସାହୁ, ସୁରେଶ ପଧାନ, ଅରକ୍ଷିତ ମହାକୁର, ରଙ୍ଗାଧର ପଧାନ, ଯୁଧିଷ୍ଠିର ପଧାନ, ଆନନ୍ଦ ମାଝୀ, କ୍ଷୀରଧର କର୍ମୀ, ଲୋକନାଥ ଜାନୀ ପ୍ରମୁଖଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

# ନବାହ ପାରାୟଣ କଳସଯାତ୍ରା

**ଦେଓଗାଁ, ୧୭।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବଙ୍ଗଳା ଛକ ଠାରେ ନଅ ଦିନ ଧରି ନବାହପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ଅବସରରେ ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ବହଲି ଗ୍ରାମର ହୃଦାନନ୍ଦ ଗଡ଼ତ୍ୟା ଓ ଧର୍ମପତ୍ନ ଗୀତାଞ୍ଜଳି ଗଡ଼ତ୍ୟା ଦାୟିତ୍ୱ ତୁଲାଉଥିବାବେଳେ ପୂଜକ ବାଳକୃଷ୍ଣ କର ଏବଂ ବ୍ୟାସ ଭାବେ କୁଲିଆ ବାହାଲର ପ୍ରଶାନ୍ତ ମିଶ୍ର ପାରାୟଣ ପାଠ ଦାୟିତ୍ୱ ତୁଲାଇବେ। ସଭାପତି ମାର୍କଣ୍ଡ ମେହେର, ଉପସଭାପତି ବିଶ୍ୱଜିତ ପାତ୍ର, ସମ୍ପାଦକ ବାଳମୁକୁନ୍ଦ ପରୁଆ, ସହସମ୍ପାଦକ ଟୁନା ଚାନ୍ଦ, କୋଷାଧ୍ୟକ୍ଷ ଗଣେଶ ମେହେରଙ୍କ ସମେତ ଉପଦେଷ୍ଟା ଭାବେ ଆହାଲ୍ଲାଦ ମେଲ୍ଲୀ, ଶଙ୍କର ନାଏକ, ଅରବିନ୍ଦ ସାହୁ, କେଦାର ଗଡ଼ତ୍ୟା, ପ୍ରଦୀପ ବାରିକ, ସନ୍ତୋଷ ମେଲ୍ଲୀଙ୍କ ସମେତ ସାରସବାହାଲ ଓ ବଙ୍ଗଳା ଗ୍ରାମବାସୀ ବୃନ୍ଦ ସହଯୋଗ କରୁଛନ୍ତି।



# ତିନି ଦିବସୀୟ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ଟିଟିଲାଗଡ଼, ୧୭ ।୧(ସମିସ):**ରାଜସ୍ଥାନୀ ହେଲ୍‌ଥ ଫାଉଣ୍ଡେସନ ପକ୍ଷରୁ ତିନି ଦିବସୀୟ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳୁ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଏମବିଆର ସାଇଲେଯା ଓ ଶିଶୁରୋଗ ବିଶେଷଜ୍ଞ ଶାଶ୍ୱତ ମହାନ୍ତି ରୋଗୀ ଦେଖିବା ଆରମ୍ଭ କରିଥିଲେ। ରାଜସ୍ଥାନୀ ହେଲ୍‌ଥ ଫାଉଣ୍ଡେସନର ଚେୟାରମେନ୍ ଜଗଦୀଶ ପ୍ରସାଦ ଶର୍ମା ଏହି ଶିବିର ବିଷୟରେ ଆଲୋକପାତ କରିଥିଲେ। ଟିଟିଲାଗଡ଼ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଦେଖାରେଖା ଦାୟିତ୍ୱ ଦୁଇ ବର୍ଷ ହେଲା ତୁଲାଇ ଆସୁଛନ୍ତି ଶ୍ରୀ ବିନୋଦ ମରୋଡିଆ। ଶୁକ୍ରବାର ଓ ଶନିବାର କ୍ୟାନ୍ସରର ପିଙ୍କ୍ ଭ୍ୟାନ ଆସିବା ନେଇ ସୂଚନା ଦେଇଛନ୍ତି।

# ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ସୁବଳୟା,୧୭।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ପଞ୍ଚାୟତ ଅନ୍ତର୍ଗତ ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦଣ୍ଡଧର ପାତ୍ରଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଓ କେନଝରିଆପାଲି ସିଆରସିସି ବିନୟ କୁମାର ବିଶ୍ୱାଳ, ସମାଜସେବୀ ନିରୋଦ ପାଣ୍ଡେ ,ସ୍କୁଲ ପରିଚାଳନା କମିଟି ସଭାପତି ଉମେଶ ଚନ୍ଦ୍ର ବଗର୍ତ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ୩୨ ପ୍ରକାର ଖେଳ ପ୍ରତିଯୋଗିତା ହୋଇଥିଲା । ଏଥିରେ ୯୦ ଜଣଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମୋଟ ୧୨୩ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବାଳକ ବରିଷ୍ଠ ବିଭାଗରେ ଉତ୍ତମ ବାଘ ଓ ବାଳିକା ବରିଷ୍ଠ ବିଭାଗରେ ସଂଗୀତା କଅଁର, କନିଷ୍ଠ ବାଳକ ବିଭାଗରେ ମୀନକେତନ ପଧାନ, କନିଷ୍ଠ ବାଳିକାରେ ଶାଳେନୀ କୁମ୍ଭାର ଚାମ୍ପିଅନ ହୋଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ କ୍ଷୀରସିନ୍ଧୁ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶ୍ରୀରାମ ଚନ୍ଦ୍ର ମହାପାତ୍ର, ସଂଜ୍ଞାରାନୀ ଭୋଇ, ଦାମୋଦୋର ପଧାନ, ଜଟାଧାରୀଖୁରା, ଲାଲବାହାଦୁର ମିଶ୍ର ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଆଞ୍ଚଳିକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ, ୧୭।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁଲତାପଡ଼ା ପଞ୍ଚାୟତ କୁମୁରିଆଠାରେ ଆଞ୍ଚଳିକ ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟି ଆବାହକ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ବୈଠକରେ ସ୍ଥାନୀୟ ସରପଞ୍ଚ ଦୁଷ୍ମନ୍ତ ସାହୁ, ହରିହର ଝାଙ୍କର, ମୁକୁନ୍ଦପୁର ସମିତିସଭ୍ୟ ଅଭିମନ୍ୟୁ ମାଝୀ, ରୂପାଧର ପୁଟା, ବେଣୁଧର ସିଂ, ଜୟରଣାଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ୨୪, ୨୫ ଓ ୨୬ ତାରିଖ ତିନି ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ମହୋତ୍ସବରେ ବିଭିନ୍ନ ଜିଲ୍ଲାର ୧୬ ଟି ସାଂସ୍କୃତିକ ଦଳ ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

## ସର୍ବଭାରତୀୟ ପାଟଣା କପ୍ କ୍ରିକେଟ

# ସେମିଫାଇନାଲରେ କଟକ



**ପାଟଣାଗଡ଼, ୧୭ ।୧(ସମିସ)**

ସ୍ଥାନୀୟ ରମାଇ ହାଇସ୍କୁଲ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ପ୍ରତିଯୋଗିତାରେ ଶୁକ୍ରବାର ପୁଲ -ଏ'ର କ୍ୱାଟର ଫାଇନାଲ ମ୍ୟାଚ୍‌ରେ କଟକ ୟୁନିଅନ ସ୍ପୋର୍ଟିଂ ଓ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ମଧ୍ୟରେ ହୋଇଥିଲା। କଟକ ୟୁନିଅନ ସ୍ପୋର୍ଟିଂ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ୱିକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲା। ଜବାବରେ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ୧୬୬ ରନ କରିବାରୁ ମ୍ୟାଚ ଟାଇ ରହିଥିଲା। ପରେ ୧ ଓଭର ଲେଖାଏଁ ସୁପର ଓଭର ମ୍ୟାଚରେ କଟକ ୟୁନିଅନ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ଗୋଟିଏ ରନ ସଂଗ୍ରହ କରିଥିଲା ପରେ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ପ୍ରଥମ ବଲରେ ଛକା ମାରି ବିଜୟ ହାସଲ କରିଥିଲା। ରାଇଜିଙ୍ଗ ଷ୍ଟୁଡେଣ୍ଟର ଏମ୍‌ଡି ଦାନିସ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚରେ ଜଳ ଯୋଗାଣ ପ୍ରକଳ୍ପ ଏସଡିଓ ଗଗନ କିସାନ, ଅରୁଣ ପ୍ରକାଶ ଟେଟେ, ଏସଡିଓ ସୁବ୍ରତ ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ସତ୍ୟ ରଥ ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱରେ ଗଜପତି ନାୟକ ଓ ମୁନା ସେଦରିଆ ଥିବାବେଳେ ବିରଞ୍ଚି ମହଲା ଓ ଅଂଶୁମାନ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।

